**ମଦ ଜବତ, ଜଣେ ଗିରଫ**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ଥାନା ପୋଲିସ ରବିବାର ଦୋହଲି ଛକ ଠାରୁ ଜରପଡା ଥାନା ବାଲିପଟା ଗ୍ରାମର ତ୍ରିନାଥ ସାହୁଙ୍କ ନିକଟରୁ ୩୦ ବୋତଲ ବିଦେଶୀ ମଦ ଜବତ ସହ ତାଙ୍କୁ ଗିରଫ କରିଛି। ଏ ନେଇ ନମ୍ବର ୮/୨୩ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ତ୍ରିନାଥ ଏକ ବ୍ୟାଗରେ ୩୦ ବୋତଲ ମଦ ଧରି ଚାଲାଣ ପାଇଁ ଦୋହଲି ଛକରେ ଠିଆ ହୋଇଥିବାବେଳେ ପୋଲିସ ଚଢ଼ଉ କରି ଗିରଫ କରିଥିଲା।



# ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଲା ମହୋତ୍ସବ ମଶାଲ


ଶୈଳଶ୍ରୀକ୍ଷେତ୍ରଠାରେ ମଶାଲକୁ ପୂଜାର୍ଚ୍ଚନା କରାଯାଉଛି।


ଆଠମଲ୍ଲିକଠାରେ ମଶାଲକୁ ସ୍ୱାଗତ କରାଯାଉଛି।

ଅନୁଗୋଳ, ୮।୧ (ଅମିତ କୁମାର ସାମଲ)

ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଜିଲା ମହୋତ୍ସବ ଆୟୋଜନ ହେବ। ଏ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଜିଲା ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦର ପୌରୋହିତ୍ୟରେ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା ବାହାରିଥିଲା। ଜିଲାର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରସିଦ୍ଧ ଦେବଦେବୀପୀଠ ଅନୁଗୋଳ ବ୍ଲକର ଟିକରପଡା, ଛେଣ୍ଡିପଦା ବ୍ଲକ ପାତ୍ରପଡାର ମା ବାୟାଣୀପୀଠ, ଆଠମଲ୍ଲିକର ଦେଉଳଝରି, ପାଲଲହଡାର ଖୁଲୁଡିରୁ ମଶାଲ ବାହାରି ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଛି।

ଟିକରପଡାସ୍ଥିତ ଶିବ ମନ୍ଦିର ଠାରୁ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ପାଲଲହଡା ଖୁଲୁଡି ପୀଠରୁ ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା, ଆଠମଲ୍ଲିକର ଦେଉଳଝରି ପୀଠରୁ ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର ଓ ଜିଲାପରିଷଦ ସଭାପତି ବବିତା ପ୍ରଧାନ, ଛେଣ୍ଡିପଦା ପାତ୍ରପଡ଼ାର ମା' ବାୟାଣୀପୀଠରୁ ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ମଶାଲ ବାହାରି ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକାଠି ହୋଇଥିଲା। ସେଠାରେ ବିଧାୟକ ବ୍ରଜ କିଶୋର ପ୍ରଧାନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ଓ ତାଳଚେର ଉପଜିଲାପାଳଙ୍କ ସମେତ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ପ୍ରମୁଖ ମଶାଲଗୁଡ଼ିକୁ ସ୍ୱାଗତ କରିଥିଲେ। ଏହି ମଶାଲ ଶୋଭାଯାତ୍ରାକୁ ସ୍ଥାନୀୟ ଅଞ୍ଚଳରେ ବେଶ ଉତ୍ସାହ ସହ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟାରେ ଜିଲାର ସମସ୍ତ ସ୍ଥାନରୁ ବାହାରିଥିବା ମଶାଲଗୁଡିକୁ ମା ହିଙ୍ଗୁଳା ପୀଠ ଦେଇ ଶୈଳଶ୍ରୀକ୍ଷେତ୍ର ଠାରେ ପହଞ୍ଚିଥିଲା। ସେଠାରେ ମଶାଲକୁ ସ୍ୱାଗତ କରିବା ପାଇଁ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ମନ୍ଦିର ପରିଚାଳନା କମିଟି ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ସମେତ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ପ୍ରମୁଖ ଉପସ୍ଥିତ ଥିଲେ।


ଛେଣ୍ଡିପଦାଠାରେ ମଶାଲ ଶୋଭାଯାତ୍ରା।


କଣିହାଁଠାରେ ମଶାଲ ଶୋଭାଯାତ୍ରା।

## ରାଜପଥ ସମସ୍ୟାର ସମାଧାନ ଦାବି


ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ,୮।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ସମସ୍ୟାର ସମାଧାନ ଓ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବିରେ ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଜାତୀୟ ରାଜପଥ ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଲାଣି। ପ୍ରତ୍ୟେହ ଦୁର୍ଘଟଣା ଯୋଗୁ ଜୀବନହାନି ଘଟୁଛି। ଉତ୍ତମ ଚିକିତ୍ସା ପାଇବା ନିମନ୍ତେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ନାହିଁ। ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା ସହିତ ଡାକ୍ତରୀ ଶିକ୍ଷାଲାଭ ପାଇଁ ଅନୁଗୋଳ ଜିଲାରେ ଏକ ମେଡିକାଲ କଲେଜ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ତାଳଚେର ଠାରେ ନିର୍ମିତ ମେଡିକାଲ କଲେଜକୁ ସରକାରୀ ଡାକ୍ତରଖାନାରେ ପରିବର୍ତ୍ତନ କରାଯାଇଥିବାରୁ ଜିଲାବାସୀଙ୍କ ମନକୁ ଆଘାତ ପହଞ୍ଚିଛି। ତେଣୁ ୭ ଦିନ ମଧ୍ୟରେ ଜାତୀୟ ରାଜପଥ ସମସ୍ୟାର ସମାଧାନ ଓ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ ଓ ଗଣଧାରଣା ଦିଆଯିବ ବୋଲି ସାମାଜିକ କର୍ମୀ ପର୍ଶୁରାମ ଦାଶ, ଅନୁପ କୁମାର ପଟ୍ଟନାୟକ, ଶିବାଶିଷ କର, ରୁକେଶ ରୋଶନ ଦାଶ, ପ୍ରତାପ ମହାପାତ୍ର, ଛବୀନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ଶୁଭମ କୁମାର ନାଥ ପ୍ରମୁଖ ଦାବିପତ୍ରରେ ଚେତାବନୀ ଦେଇଛନ୍ତି।

## ୧୧ ପଞ୍ଚାୟତରେ ବୁଲିଲା ପରିକ୍ରମା ରଥ



କଣିହାଁ,୮।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ୧୧ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର ପରିକ୍ରମା ରଥ ବୁଲିଛି। ପ୍ରତ୍ୟେକ ପରିବାରର ଜନସାଧାରଣ ଅରୁଆ ଚାଉଳ, ଗୁଆ, ନଡିଆ ଆଦି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଭିନ୍ନ ପଞ୍ଚାୟତ ଲୋକପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ସାମିଲ ହୋଇଥିଲେ। ରେଙ୍ଗାଳି ପଞ୍ଚାୟତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ନେଇ ଅପରାହ୍ନରେ ରଥକୁ ସ୍ୱାଗତ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟଶ୍ରୀ ସାମଲ, ସରପଞ୍ଚ ପ୍ରଭାତୀ ସେଠୀଙ୍କ ତତ୍ତ୍ୱାବଧାନରେ ରେଙ୍ଗାଳି ପ୍ରକଳ୍ପ ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା ସହିତ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା।

## ବ୍ରାଉନସୁଗାର ଜବତ, ୫ ଗିରଫ

ଅନୁଗୋଳ, ୮।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲିଥିବାବେଳେ ପୋଲିସ ୫ ଜଣଙ୍କୁ ମାଡ଼ି ବସିଛି। ଅନ୍ୟ ଜଣେ ଫେରାର ହୋଇଯାଇଥିବା ନାଲ୍‌କୋ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୧୯.୮୬ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିବା ପୋଲିସ ପ୍ରକାଶ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲରାମପ୍ରସାଦ ଅଞ୍ଚଳର ପ୍ରଭାକର ମହାପାତ୍ର(୨୭), ନେଣ୍ଟୁ ନାହାକ(୩୪), ଦିଲୀପ ବାରିକ(୩୨), ଡମ୍ବରୁଧର ଦାସ(୩୭), ଦୀପୁନ୍ ଓରଫ ଦୀପକ ସେଠୀ(୨୩) ଓ ଜଣେ ନାବାଳକ। ନାଲ୍‌କୋ ପୋଲିସର ପାଟ୍ରୋଲିଂ ଚାଲୁଥିବା ସମୟରେ କନିଆବେଢ଼ା ରେଳ ଓଭରବ୍ରିଜ୍ ନିକଟରେ ଠିଆ ହୋଇଥିବା ୬ ଜଣ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ସେମାନଙ୍କୁ କାବୁ କରିବା ସହ ବ୍ରାଉନସୁଗାର ଜବତ କରିଥିଲା। ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି।

## ବାଳିକା ସଶକ୍ତୀକରଣ ମିଶନର ଶୀତକାଳୀନ ଶିବିର

ତାଳଚେର,୮।୧ (ମନୋଜ ନନ୍ଦ)

ଏନ୍‌ଟିପିସି ତାଳଚେର ଥର୍ମାଲ ଠାରେ ବାଳିକା ସଶକ୍ତୀକରଣ ମିଶନର ଶୀତକାଳୀନ ଶିବିର ଗତ ୪ ରୁ ୬ ତାରିଖ ଯାଏ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୮ଗୋଟି ସ୍କୁଲର ୪୦ଜଣ ବାଳିକାଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ବିଗତ ଦିନରେ ୪ସପ୍ତାହ ଧରି ଯେଉଁ ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠିତ ହୋଇଥିଲା, ତାହାର ନିଷ୍କର୍ଷ ପ୍ରତିପାଦନ ପାଇଁ ଏହି ଶିବିର ସହାୟକ ହୋଇଥିଲା। ନିଜ ବକ୍ତବ୍ୟରେ ଗୌତମ ଦେବ ଶିକ୍ଷା ସହିତ ଅନ୍ୟାନ୍ୟ



ମୌଳିକ କାର୍ଯ୍ୟକ୍ରମ ଜରିଆରେ କିପରି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ଏନ୍‌ଟିପିସି ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଜାରି ରହିଛି ଓ ଏହା ଉପାଦେୟ ସାବ୍ୟସ୍ତ ହୋଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ।

## ଅନିୟମିତତା ପ୍ରତିବାଦରେ ଆନ୍ଦୋଳନ କରିବ ଭାଜପା

ତାଳଚେର,୮।୧ (ମନୋଜ ନନ୍ଦ)

ତାଳଚେର ନିର୍ବାଚନମଣ୍ଡଳୀ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜଗନ୍ନାଥ କଳାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୬ଟି ମଣ୍ଡଳ ଓ ସମସ୍ତ ଶକ୍ତିକେନ୍ଦ୍ରର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, କାଳନ୍ଦୀ ସାମଲ ଯୋଗଦେଇ ତାଳଚେର ମେଡିକାଲ କଲେଜ ଓ ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଭାଜପା ଆନ୍ଦୋଳନ କରିବ ବୋଲି ପ୍ରକାଶ କରିଥିଲେ।

ବୈଠକରେ ନେତୃବୃନ୍ଦ କହିଥିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ୧୬୨୮ କୋଟି ଟଙ୍କାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍‌ସିଏଲ ତରଫରୁ ତାଳଚେରରେ ମେଡିକାଲ କଲେଜ ପାଇଁ ବ୍ୟବସ୍ଥା କରାଯାଇଥିଲା ବେଳେ ଦୀର୍ଘ ୫ ବର୍ଷ ହେଲା ରାଜ୍ୟ ସରକାର ତାହାକୁ ଚଳାଉ ନାହାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଘରକୁ ଟ୍ୟାପ୍‌ରେ ପାଣି ଯୋଗାଇବା ପାଇଁ ଜଳ ଜୀବନ ମିଶନ ଯୋଜନାରେ ସହସ୍ରାଧିକ କୋଟି ଟଙ୍କା ବ୍ୟବସ୍ଥା କରିଥିବା ବେଳେ ରାଜ୍ୟ ସରକାର ତାଳଚେର ଅଞ୍ଚଳରେ ସାଧାରଣ ଲୋକଙ୍କୁ ସାମାନ୍ୟତମ ପିଇବା ପାଣି ଯୋଗାଇପାରିନାହିଁ। ଉକ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଚାଲିଛି। ଏ ସମସ୍ତ ପ୍ରସଙ୍ଗକୁ ନେଇ ଆଗାମୀ ଦିନରେ ଭାଜପା ରାସ୍ତାକୁ ଓହ୍ଲାଇବ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ନରେଶ ଚନ୍ଦ୍ର ବେହେରା, ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, ରାଜେନ୍ଦ୍ର ସିଂହ, ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି



କଣିହାଁ,୮।୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଯୁକ୍ତ ୨ ଅଧ୍ୟକ୍ଷ ରମାକାନ୍ତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଅତିଥି ଭାବେ ନବୀନ ଓଡ଼ିଶା ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ବୁଦ୍ଧିଜୀବୀ ମାନସ ରଞ୍ଜନ ପ୍ରଧାନ, ଯୁକ୍ତ ୩ ଅର୍ଥନୀତି ଅଧ୍ୟାପକ ସନ୍ତୋଷ ସାହୁ, ସାମାଜିକ କର୍ମୀ ନିପୁ ଦାସ ଯୋଗଦେଇ ଆଗାମୀ ସାଧାରଣତନ୍ତ୍ର ଦିବସକୁ କିଭଳି ଅଧିକ ଆକର୍ଷଣୀୟ କରାଯିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। କମିଟି ସମ୍ପାଦକ ପବିତ୍ରନଗର ହାଇସ୍କୁଲ ପ୍ରଧାନଶିକ୍ଷକ ପଦ୍ମନାଭ ପ୍ରଧାନ ଗତବର୍ଷର ବିବରଣୀ ପାଠ କରିଥିଲେ। ବୈଠକରେ ଆଖପାଖ ସମସ୍ତ ଗ୍ରାମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଉପସ୍ଥିତ ଥିଲେ। ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା କମିଟି ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।

## ୨୮ ଅଭିଯୋଗର ଶୁଣାଣି

ଅନୁଗୋଳ,୮।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅଫିସଠାରେ ସୋମବାର ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୨୮ ଅଭିଯୋଗରୁ ୨୦ଟି ବ୍ୟକ୍ତିଗତ ଓ ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ମୋଟ୍ ଅଭିଯୋଗ ମଧ୍ୟରୁ ୨ଟିର ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ବଅଁରପାଳ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଧବ ପାଣିଗ୍ରାହୀ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



## ହାଇୱା ଧକ୍କାରେ ଜଣେ ମୃତ

ଛେଣ୍ଡିପଦା,୮।୧ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଦେଇ ଯାଇଥିବା ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥ କଙ୍କରେଇ ଉଚ୍ଚ ବିଦ୍ୟାଳୟ ନିକଟ ପୋଲଠାରେ ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନାଣ୍ଡିଛୋଡ ଗୋପୀବଲ୍ଲଭପୁର ଗ୍ରାମର ଧୋବେଇ ଗଡ଼ନାୟକଙ୍କ ପୁଅ ତପୁ ଗଡ଼ନାୟକ। ଘଟଣାରୁ ପ୍ରକାଶ, ତପୁ ବାଇକ୍ ଯୋଗେ ଅନୁଗୋଳରୁ ଗ୍ରାମକୁ ଫେରୁଥିବାବେଳେ ଏକ କୋଇଲା ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ସମ୍ପର୍କୀୟ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

## କୁତୁଲିସିଙ୍ଗା କପ୍: ବିଲେଇନାଳୀ ଚାମ୍ପିୟନ

ବଇଣ୍ଡା,୮।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଠାରେ ଚାଲିଥିବା କୁତୁଲିସିଙ୍ଗା କ୍ରିକେଟ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହତାଶିମିଳି କ୍ରିକେଟ କ୍ଲବକୁ ହରାଇ ବିଲେଇନାଳୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବିଲେଇନାଳୀ ବ୍ୟାଟିଂ କରି ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ହତାଶିମିଳି ୭୩ ରନ କରି ପରାଜିତ ହୋଇଥିଲା। ଏହି ମ୍ୟାଚକୁ ସିଦ୍ଧାର୍ଥ ରାଉତ, ଧନେଶ୍ୱର ପ୍ରଧାନ, ଗୌତମ ନାୟକ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରକାଶ ସେଠୀ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ରାଉତ, ସଞ୍ଜୟ ଗାଇଗରିଆ, ଦେବେନ୍ଦ୍ର କର୍ମୀ ଯୋଗ ଦେଇଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ଜବରଦଖଲ ଉଚ୍ଛେଦରେ ପକ୍ଷପାତିତା ଅଭିଯୋଗ

ଅନୁଗୋଳ ୮।୧ (ଅମିତ କୁମାର ସାମଲ)



- ଅନୁଗୋଳ ତହସିଲ ପ୍ରଶାସନର ବିଚିତ୍ର ବ୍ୟବସ୍ଥା
- ଜବରଦଖଲକାରୀଙ୍କ ସ୍ଥାନରେ ଅନ୍ୟଙ୍କୁ ନୋଟିସ୍
- ନୋଟିସ୍ ନ ଦେଇ ବୁଲାଇଲେ ବୁଲଡୋଜର
- ଅନ୍ୟ ଜଣେ ଜବରଦଖଲକାରୀଙ୍କୁ ଅନୁକମ୍ପା

ଅନୁଗୋଳ ସଦର ଥାନା ନୂଆମୌଜା ଅଞ୍ଚଳରେ ଜବରଦଖଲ ଉଚ୍ଛେଦରେ ତହସିଲ ପ୍ରଶାସନ ପକ୍ଷପାତିତା କରିଥିବା ସୋମବାର ଅଭିଯୋଗ ହୋଇଛି। ଏପରି କି ସରକାରୀ ଜାଗା ଜବରଦଖଲ କରିଥିବା ୨ ଜଣଙ୍କ ମଧ୍ୟରୁ ଜଣଙ୍କୁ ନୋଟିସ୍ ଦେଇ ଉଚ୍ଛେଦ କରାଯାଇ ନ ଥିବା ବେଳେ ଅନ୍ୟ ଜଣଙ୍କୁ ନୋଟିସ ନ ଦେଇ ଉଚ୍ଛେଦ କରାଯାଇଛି। ଏଥିସହ ଜବରଦଖଲ କରି ନ ଥିବା ଜଣେ ବ୍ୟକ୍ତିଙ୍କ ନାମରେ ମଧ୍ୟ ନୋଟିସ ପଠାଯାଇଛି। ତହସିଲ ପ୍ରଶାସନର ଏପରି ବିଚିତ୍ର ତଥା ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠାଯାଇଛି।

ପ୍ରକାଶ ଯେ, ଅନୁଗୋଳ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପିଆର ନଂ ୩୮୩/୪।୧।୨୦୨୪ରେ ନୂଆମୌଜାର ଗୋକୁଳାନନ୍ଦ ନାଏକଙ୍କୁ ଚିଠି କରାଯାଇଥିଲା। ଜବରଦଖଲରେ ଥିବା ସରକାରୀ ଜାଗାକୁ ୩ ଦିନ ମଧ୍ୟରେ ଖାଲିକରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ପିଆର ନଂ ୩୮୪/୪।୧।୨୦୨୪ରେ ନରେନ୍ଦ୍ର ନାଏକଙ୍କୁ ମଧ୍ୟ ସମାନ ନୋଟିସ୍ ପଠାଯାଇଥିଲା। ଖୋଦ୍ ତହସିଲଦାର ଏଥିରେ ଦସ୍ତଖତ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ସେଠାରେ ସରକାରୀ ଜାଗାକୁ ମାଣିକ ନାଏକ ନାମକ ମହିଳା ଜବରଦଖଲ କରିଥିଲେ। କିନ୍ତୁ ତହସିଲ ପକ୍ଷରୁ ପିଆର ନଂ ୩୮୩/୪।୧।୨୦୨୪ରେ ମାଣିକଙ୍କ ପରିବର୍ତ୍ତେ ଗୋକୁଳାନନ୍ଦଙ୍କୁ ନୋଟିସ ପଠାଯାଇଥିଲା। ସେହିପରି ନୋଟିସ ଦିଆଯାଇଥିବା ନରେନ୍ଦ୍ର ନାଏକଙ୍କ ଘର ଉଚ୍ଛେଦ କରାଯାଇ ନ ଥିବାବେଳେ ନୋଟିସ ଦିଆ ନ ଯାଇ ମାଣିକଙ୍କ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହାକୁ ନେଇ ମାଣିକ କ୍ଷୋଭ ପ୍ରକାଶ କରିବା ସହ ଉଚ୍ଛେଦରୁ ନରେନ୍ଦ୍ରଙ୍କୁ କାହିଁକି ବାଦ୍ ଦିଆଗଲା ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଘଟଣା ସମ୍ପର୍କରେ ଅନୁଗୋଳ ତହସିଲଦାର ଆଲୋକ ଦେହୁରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ତେବେ ଆର୍‌ଆଇ ମନୋଜ ନାୟକ କହିଛନ୍ତି, ନୂଆମୌଜା ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ। ସେଥିପାଇଁ ୨ ଜଣଙ୍କୁ ଜବରଦଖଲ ଉଚ୍ଛେଦ ନୋଟିସ୍ ଦିଆଯାଇଥିଲା। ଗୋକୁଳାନନ୍ଦ ଜବରଦଖଲ କରିଥିବା ଜାଗା ସରକାରୀ ଖାତାକୁ ଫେରିଛି। ଅନ୍ୟ କାହା ଜାଗାରେ ଉଚ୍ଛେଦ ହୋଇନାହିଁ। ତେବେ ଅନ୍ୟଜଣଙ୍କ ଜରବଦଖଲ କାହିଁକି ଭଙ୍ଗାଗଲା ନାହିଁ ତାହାର ଉତ୍ତର ତହସିଲଦାର ଜାଣିଥିବେ ବୋଲି ଆର୍‌ଆଇ କହିଛନ୍ତି।

# ପ୍ରାଣୀ ବିଜ୍ଞାନ ବିଭାଗର ପାଠଚକ୍ର

ସାତମାଇଲ,୮।୧(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଇତିହାସ ବିଭାଗ ମୁଖ୍ୟ ବିମଳ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ୨୦୦୪ ମସିହାରେ ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ର ତଥା ଆମେରିକାରେ କାର୍ଯ୍ୟରତ ଯୁବବୈଜ୍ଞାନିକ ଡ. ଧନଞ୍ଜୟ ପାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ଔଷଧର ଉନ୍ନତୀକରଣ ସମ୍ପର୍କରେ ପ୍ରୋଜେକ୍ଟ ମାଧ୍ୟମରେ ବିସ୍ତୃତ ଭାବେ ବୁଝାଇଥିଲେ। ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ପାଇଁ ପ୍ରାଥମିକ ଭାବେ ସମ୍ଭାବ୍ୟ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଶିବଶଙ୍କର ଦାସ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପିକା ନିଲମ ଡୁଙ୍ଗ୍‌ଡୁଙ୍ଗ୍ ଧନ୍ୟବାଦ ଅର୍ପଣ କରିଥିଲେ।




# କ୍ରଶରକୁ ବିରୋଧ କରି ତହସିଲଦାରଙ୍କ ଦ୍ୱାରସ୍ଥ

କାମାକ୍ଷାନଗର,୮।୧(ସୁଧୀର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଅଶନବାହାଲି ଗ୍ରାମରେ ନୂତନ କ୍ରଶରକୁ ବିରୋଧ କରି ସୋମବାର ଗ୍ରାମବାସୀ ତହସିଲଦାରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି, ଗ୍ରାମ ବାହାରୁ ଜଣେ ବ୍ୟକ୍ତି ଅଶନବାହାଲିରେ ନୂତନ କ୍ରଶର ନିର୍ମାଣ କରିଥିବା ବିରିବୋଲେଇ ରାଜସ୍ୱ ନିରୀକ୍ଷକଙ୍କଠାରୁ ଜାଣିବା ପରେ ଗତ ୪ ତାରିଖରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବ ସମ୍ମତିକ୍ରମେ ଗ୍ରାମରେ କ୍ରଶର ନିର୍ମାଣକୁ ବିରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କ୍ରଶର ଯୋଗୁ ଚାଷ ଜମିରେ ଧୂଳି ପଡ଼ି ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏଥିସହିତ କ୍ରଶର ନିକଟରେ ବିଦ୍ୟାଳୟ ଥିବାରୁ ଛାତ୍ରୀଛାତ୍ରମାନେ ଧୂଳି ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମରେ ନୂତନ କ୍ରଶର ନିର୍ମାଣ କରା ନ ଯିବା ସମ୍ପର୍କରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ ଲିଖିତ ଭାବେ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ସଭାପତି ଚନ୍ଦ୍ରମଣି ବାଘ, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବ୍ରଜବନ୍ଧୁ ସାହୁ, ଟିକନ ବେହେରା, ପ୍ରକାଶ ସାହୁ, ବିଜୟ ବେହେରା, ଶଙ୍ଖାଳି ବେହେରା, କେଦାର ସେଠୀ, ଯୁଗଳ ସ୍ୱାଇଁ, ପ୍ରମୋଦ ସାହୁ, ପିନୁ ବେହେରା, ରମେଶ ବେହେରା ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ସୌଦାମିନୀ ନାୟକ କହିଛନ୍ତି, ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗ ପାଇଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।


ତହସିଲଦାରଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ୪ର୍ଥ ଦିବସରେ କବାଡ଼ି ପ୍ରତିଯୋଗିତା

ଢେଙ୍କାନାଳ,୮।୧(ରତନ ନାୟାର)

ରାଜ୍ୟ ସରକାର ଓ ଢେଙ୍କାନାଳ ଜିଲା ପ୍ରଶାସନର ମିଳିତ ଆୟୋଜନରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତାର ସୋମବାର ୪ର୍ଥ ଦିବସରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ କାମାକ୍ଷାନଗର ବ୍ଲକର ବାଉଁଶପାଳ ଗ୍ରାମ ଚାମ୍ପିୟନ ହୋଇଥିବାବେଳେ ଆଇଜିଆଇଟି ସରାଙ୍ଗ ରନର୍ସଅପ୍ ହୋଇଥିଲା। ସେହିପରି ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଦଳ ପ୍ରଥମ ରନର୍ସଅପ୍ ଓ ହିନ୍ଦୋଳ ବ୍ଲକର ମା' ବ୍ରହ୍ମାଦେବୀ କବାଡ଼ି ଦଳ ଦ୍ୱିତୀୟ ରନର୍ସଅପ୍ ହୋଇଥିଲା। ମହିଳା ବର୍ଗରେ ହିନ୍ଦୋଳ ବ୍ଲକର ସାଗରିକା ବେହେରାଙ୍କ ନେତୃତ୍ୱାଧୀନ ଦଳ ଚାମ୍ପିୟନ ହୋଇଥିବା ବେଳେ ସଦର ବ୍ଲକ ବୋରାପଦା ସରକାରୀ ଆଇଟିଆଇ ଦଳ ରନର୍ସଅପ୍, ଗଁଦିଆ ବ୍ଲକ ପିଙ୍ଗୁଆ ଖଙ୍କିରା ଲୋଟସ ଦଳ ପ୍ରଥମ ରନର୍ସଅପ୍ ଓ ପିଏସ୍ଏ ମହିଳା କବାଡ଼ି ଦଳ ଦ୍ୱିତୀୟ ରନର୍ସଅପ୍ ହୋଇଥିବା ହକି ପ୍ରଶିକ୍ଷିକା ଫ୍ଲୋରେନ୍ସିଆ ଏକ୍କା ସୂଚନା ଦେଇଛନ୍ତି।


ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଖେଳାଳିମାନେ।

# ଶିକ୍ଷା ସଚେତନତା ରଥକୁ ସ୍ୱାଗତ


ପିଙ୍ଗୁଆରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ଢେଙ୍କାନାଳ,୮।୧(ରତନ ନାୟାର)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ସମଗ୍ର ଶିକ୍ଷା ଓ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏକ ଶିକ୍ଷା ସଚେତନତା ରଥକୁ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ସ୍ୱାଗତ କରାଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଏହି ରଥକୁ ଧୂପ, ଦୀପ, ଚନ୍ଦନ ଦେଇ ନଡିଆ ବାଡେଇ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ସାମଲ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅତିଥି ଶିକ୍ଷକ ହରିହର ସାହୁ, ପ୍ରକାଶ ବାରିକ, ପବିତ୍ର ପ୍ରଧାନ, ତରୁଣ ବାରିକ, ଶିକ୍ଷୟିତ୍ରୀ ପଦ୍ମିନୀ ତରାଇ, ପୂଜା ପ୍ରଧାନ, ଲିଜା ଦଳେଇ, ସ୍ୱାଗତିକା ବେହେରା, ମୀନତୀ ସାହୁ, କାର୍ଯ୍ୟାଳୟ ସହାୟକ ହୃଷୀକେଶ ଦାସ, କର୍ମଚାରୀ ତ୍ରିଲୋଚନ ନାୟକ ଓ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କାମାକ୍ଷାନଗର,୮।୧(ସୁଧୀର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଧୀନ ସେଣ୍ଡସର ସରିଆ ଜଙ୍ଗଲରୁ ସୋମବାର ମରୁଆବିଲ ପଞ୍ଚାୟତ ବଳଦିଆପାଳ ଗ୍ରାମର ଦୁଃଶାସନ ମହନ୍ତ (୩୬)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଦୁଃଶାସନଙ୍କ ସ୍ତ୍ରୀ ଭାରତୀ ମହନ୍ତ ଦୁଃଶାସନ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ସରିଆ ଜଙ୍ଗଲରେ ଦୁଃଶାସନଙ୍କ ମୃତଦେହ ଝୁଲୁଥିବା ନେଇ ଅପରାହ୍ନ ୪ଟା ୩୦ରେ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପଠାଇଛି। ଏ ନେଇ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ।

# ୱାର୍ଡ ପରିକ୍ରମା କଲା ଅର୍ପଣ ରଥ


ଢେଙ୍କାନାଳ ପୌରାଞ୍ଚଳରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି।

ଢେଙ୍କାନାଳ,୮।୧(ରତନ ନାୟାର)

ପୁରୀରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରାଜ୍ୟସାରା ପରିକ୍ରମା କରୁଥିବା ଅର୍ପଣ ରଥ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରୁଛି। ସୋମବାର ଅର୍ପଣ ରଥ ଢେଙ୍କାନାଳ ପୌରାଞ୍ଚଳର ୩ନଂ, ୪ନଂ ଓ ୧୪ ନଂ ୱାର୍ଡ ପରିକ୍ରମା କରିଥିଲା। ସକାଳ ସାଢ଼େ ୯ଟାରେ ୩ନଂ ୱାର୍ଡରେ ମହିଳା ସଂକୀର୍ତ୍ତନ, ଘଣ୍ଟଶଙ୍ଖ ନାଦ ଓ ହୁଳହୁଳି ସହିତ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଶେଷକରି ମହିଳା ଶ୍ରଦ୍ଧାଳୁମାନେ ନିଜନିଜ ଘର ଆଗରେ ରଥକୁ ସ୍ୱାଗତ କରିବା ସହ ବନ୍ଦାପନା କରିଥିଲେ। ଏଥିସହିତ ଆଧ୍ୟାତ୍ମିକ ଭାବାବେଗରେ ଅରୁଆ ଚାଉଳ ଓ ଗୁଆ ରଥରେ ପ୍ରଦାନ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ ୩ନଂ ୱାର୍ଡରେ କୁଞ୍ଜକାନ୍ତ ଅଞ୍ଚଳରୁ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ସ୍ଥାନୀୟ କାଉନସିଲର ଅଭିମନ୍ୟୁ ପଣ୍ଡା, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଆଇନଜୀବୀ ସାଇଶ୍ରୀ ପଟ୍ଟନାୟକ ଓ ଦେବାଶିଷ ମିଶ୍ର ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସେହିପରି ୪ନଂ ୱାର୍ଡରେ କାଉନସିଲର ଲିପିକା ଦାସ ଓ ୧୪ନଂ ୱାର୍ଡରେ ବଂଶୀଧର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୪୨ ଅଭିଯୋଗର ସମାଧାନ

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୪୨ଟିର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୮ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ରେଡକ୍ରସ ସହାୟତା ପାଣ୍ଠି ପାଇଁ ଆବେଦନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୋଟ ୬୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ବିଶ୍ୱାଳଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜନ ଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

# ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ




କାମାକ୍ଷାନଗର,୮।୧ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱତନ୍ତ୍ର ସେବା ଶିବିର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଝୁନୁ ରାଏ ପରିଚାଳନା କରିଥିଲେ। ଏହି କ୍ରମରେ ସ୍ୱେଚ୍ଛାସେବୀ ମାନେ ପୋଷ୍ୟ ଗ୍ରାମ ଆଖୁପାଳ ଗ୍ରାମକୁ ଯାଇ ଲୋକମାନଙ୍କୁ ଯୌତୁକ ପ୍ରଥା, ନାରୀ ଶିକ୍ଷା, ନିଶା ନିବାରଣ, ବାଲ୍ୟବିବାହ ବିରୋଧ ସଚେତନତା, ପ୍ଲାଷ୍ଟିକ ମୁକ୍ତ ସମାଜ ଆଦି ବିଭିନ୍ନ ଅଭିଯାନ ବିଷୟରେ ସଚେତନ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ଶତପଥୀ, ଅଧ୍ୟାପକ ଅଜୟ ଚିନୀରା, ଅଧ୍ୟାପିକା ମଧୁସ୍ମିତା ନନ୍ଦ, ରାକାବେନ ପତି, ଅଭୟ ସାହୁ, ବସନ୍ତ ସାହୁ, ନୀଳାମ୍ବର ପରିଡା, ରବି ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଉନ୍ନତୀକରଣ ଦେଖିଲେ ଜିଲାପାଳ

କାମାକ୍ଷାନଗର,୮।୧(ସୁଧୀର ପରିଡା)

କାମାକ୍ଷାନଗର ଉପଖଣ୍ଡ ମେଡିକାଲର ମୋ ଚିକିତ୍ସାଳୟ ୫-ଟି କାମର ନୂତନ ଭାବେ ନିର୍ମାଣ ଚାଲିଛି। ସୋମବାର ଏହାକୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅନୁଧ୍ୟାନ କରିଛନ୍ତି। ଏଥିସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ବିଶ୍ୱାଳ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଦିଗାମ୍ବର ସାହୁ, ଜୟନ୍ତ କୁମାର ନାୟକ, ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ମେଡିକାଲର ଉନ୍ନତୀକରଣ କାର୍ଯ୍ୟ ଜିଲାପାଳ ପରିଦର୍ଶନ କରୁଛନ୍ତି।

# ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କର

ହିନ୍ଦୋଳ,୮।୧(ବ୍ରହ୍ମାନନ୍ଦ ପଟ୍ଟନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ସ୍ଥିତ ଜନତାରାଜ ଉଚ୍ଚବିଦ୍ୟାଳୟ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ରତିକାନ୍ତ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ପତି, ବକ୍ତା ଭାବେ ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଦୁଦୁରୁକୋଟ ସରପଞ୍ଚ ମନୋଜ କୁମାର ବେହେରା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରହ୍ଲାଦ ସାମଲ ଯୋଗ ଦେଇଥିଲେ। ଉତ୍ସାହ ଉଦ୍ଦୀପନା ସହ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିବାକୁ ଅତିଥିବୃନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ହରିହର ନାଥ ସ୍ୱାଗତ ଅଭିଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦ୍ୟୁମ୍ନ ସାମଲ, ଜମେଶ୍ୱର ସାହୁ, ଶିକ୍ଷୟିତ୍ରୀ ବେଲରିକା ଧୀର, ସୋନାଲି ଚୌଧୁରୀ ଉପସ୍ଥିତ ଥିଲେ। କର୍ମଚାରୀ ରାନୁବାଳା ପ୍ରଧାନ ଓ ସସ୍ମିତା ସାମଲ, କ୍ଷୀରୋଦ ସାହୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ।



# ଅଙ୍ଗନୱାଡି, ସ୍କୁଲ ଅଚାନକ ପରିଦର୍ଶନ

ପରଜଙ୍ଗ,୮।୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଏବଂ ସ୍କୁଲକୁ ସୋମବାର ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା ଅଚାନକ ପରିଦର୍ଶନ କରିଛନ୍ତି। କୁଆଲୋ ପଞ୍ଚାୟତର ୫ ଓ କଳଦା ପଞ୍ଚାୟତର ୨ ଗୋଟି ଅଙ୍ଗନୱାଡ଼ି ସେଣ୍ଟର୍ ଏବଂ କୁଆଲୋ ପଞ୍ଚାୟତର ୨ଟି, କଳଦା ପଞ୍ଚାୟତର ୨ଟି ଏବଂ ସରାଙ୍ଗ ପଞ୍ଚାୟତର ଗୋଟିଏ ସ୍କୁଲ ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। କିଛି ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ଏବଂ ରୋଷେଇ ଶାଳର ଅପରିଚ୍ଛନ୍ନତା ଦେଖି ତାଗିଦ କରିଥିଲେ। ଆସନ୍ତା ୨୩ ଜାନୁଆରୀ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକରେ ଏପରି ଅଚାନକ ପରିଦର୍ଶନ କରାଯିବ ବୋଲି ଖାଦ୍ୟ ଆୟୋଗ ସଦସ୍ୟ ଜଣାଇଛନ୍ତି।



# କଳା, ସଂସ୍କୃତି ବିକାଶ ପ୍ରୟାସ ବ୍ୟାପକ ହେଉ



ଜାଭେରିଆନ ଏଜୁକେଶନାଲ ଫାଉଣ୍ଡେଶନ କଟକର ଅଧ୍ୟକ୍ଷ କୁଲଦୀପ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଗୁଡ୍‌ନାଇଟ କ୍ଲବ ପକ୍ଷରୁ ରବିବାର ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ କଳା ସଂସ୍କୃତି ଓ ପ୍ରତିଭାଙ୍କୁ ବିକଶିତ କରିବା ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜାଭେରିଆନ ଏଜୁକେଶନାଲ ଫାଉଣ୍ଡେଶନ କଟକ ଅଧ୍ୟକ୍ଷ ରୋଟାରିଆନ କୁଲଦୀପ ରଥ(ପିଏଚ୍ଏଫ୍)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରଥ କହିଥିଲେ, ଢେଙ୍କାନାଳ ଜିଲାରେ କଳା ସଂସ୍କୃତି ଓ ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ହେଉଥିବା ପ୍ରୟାସକୁ ବ୍ୟାପକ ଭାବେ କରାଯିବା ପାଇଁ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଉଦ୍ୟମ ଜାରି ରଖିବା ଉଚିତ। କଳା ସଂସ୍କୃତି ଓ ପ୍ରତିଭା ବିକଶିତ ହେଲେ ଅନୁଷ୍ଠାନଗୁଡିକ ରାଜ୍ୟ ଓ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଏଥିସହିତ ଜାଭେରିଆନ ଏଜୁକେଶନାଲ ଫାଉଣ୍ଡେଶନ କଟକର ଅଧ୍ୟକ୍ଷ କୁଲଦୀପ ରଥ, ଗୁଡନାଇଟ କଲଚରାଲ କ୍ଲବ କର୍ମକର୍ତ୍ତାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡ୍‌ନାଇଟ କ୍ଲବ ପକ୍ଷରୁ ସାଧାରଣ ସମ୍ପାଦକ ସତ୍ୟ ସ୍ୱରୂପ ଦାସ, ଉପସଭାପତି ଅଥୟ କୁମାର ସାହୁ, କୋଷାଧ୍ୟକ୍ଷ ବିନୋଦ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ସାହୁ, ସଙ୍ଗଠନ ସମ୍ପାଦକ ଗଙ୍ଗାଧର ରାଉତ, ଉପଦେଷ୍ଟା ଶିଶିର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଗୁଡ୍‌ନାଇଟ କ୍ଲବ ପକ୍ଷରୁ ବୈଶାଖୀ ମହୋତ୍ସବକୁ ମହା ସମାରୋହରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

**ଅଧ୍ୟାପକ ପରୀକ୍ଷା ଫଳ ପ୍ରକାଶ**

ଭୁବନେଶ୍ୱର,(ଅସମାପିକା ସାହୁ): ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜର ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ହୋଇଥିବା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାର୍ଥୀମାନେ www.ssbodisha.ac.inରେ ରେଜଲ୍ଟ ଦେଖିବାକୁ କୁହାଯାଇଛି।



ପଦ୍ମଶ୍ରୀ କମଳା ପୂଜାରୀ ସୁସ୍ଥ ଅନୁଭବ କରିବା ପରେ ସୋମବାର ତାଙ୍କୁ ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ କରାଯାଉଛି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ, କମଳା ଗତ ୫ ତାରିଖରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ବିଦ୍ୟାଳୟସ୍ତରରେ ହେବ ସାହିତ୍ୟ, ସୃଜନଶୀଳ ଉତ୍ସବ

- ପିଲା ଲେଖିବେ 'ମୋ କଥା ମୋ କାହାଣୀ'
- ସାମିଲ ହେବେ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ

ଭୁବନେଶ୍ୱର, ୮।୧(ଅସମାପିକା ସାହୁ)

ବିଦ୍ୟାଳୟସ୍ତରରେ ଆରମ୍ଭ ହେବ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ। ଛାତ୍ରୀଛାତ୍ର ନିଜ ପ୍ରତିଭାର ବିକାଶ କରିବା ସହିତ ଓଡ଼ିଆ ଭାଷାରେ କିପରି ନିଜକୁ ଶ୍ରେଷ୍ଠ ଭାବେ ଗଢ଼ିତୋଳିବେ ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଉଛି। ନିଜ ଅଞ୍ଚଳର ଭାଷା ଏବଂ ମନର ଭାବନାକୁ ଛାତ୍ରୀଛାତ୍ର ପୁସ୍ତକ ଆକାରରେ ପ୍ରକାଶ କରିବେ। ଏଥିପାଇଁ ଉଚ୍ଚ ବିଦ୍ୟାଳୟସ୍ତରରେ ଆସନ୍ତା ୧୬ରୁ ୨୦ ତାରିଖ ମଧ୍ୟରେ ଏବଂ ପ୍ରାଥମିକ ବିଦ୍ୟାଳୟସ୍ତରରେ ଫେବୃଆରୀ ୩ରୁ ୫ ମଧ୍ୟରେ ଭାଷା ସାହିତ୍ୟ ଏବଂ ସୃଜନଶୀଳତା ଉତ୍ସବ ହେବ। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସହିତ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର ସମ୍ବଲପୁରୀ, କୁଇ, ସାନ୍ତାଳୀ ଦେଶିଆ ଭଳି ବିଭିନ୍ନ ଆଞ୍ଚଳିକ ଭାଷାରେ 'ମୋ କଥା ମୋ କାହାଣୀ' ନାମରେ ଏକ ପୁସ୍ତକ ରଚନା କରିବେ। ବିଦ୍ୟାଳୟ ସ୍ତରୀୟ ପୁସ୍ତକ ମେଳାରେ ଏହାର ପ୍ରଦର୍ଶନ କରାଯିବ। ଏ ନେଇ ସୋମବାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟର ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ଆକାଂକ୍ଷୀ ପାଠ୍ୟକ୍ରମ ଆଧୀନରେ ପ୍ରଚଳିତ କ୍ଲବ ସିଷ୍ଟମ ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାକୁ ସଫଳ କରିବା ପାଇଁ ପୁରାତନ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ଓଡ଼ିଆ ଭାଷାର କିମ୍ବଦନ୍ତୀ ଲେଖକଙ୍କ ଦ୍ୱାରା ଲିଖିତ ପୁସ୍ତକ, ଗଦ୍ୟ, କାବ୍ୟ, କବିତା ଏବଂ ଉପନ୍ୟାସକୁ ପଠନ କରିପାରିବେ। ସେହିପରି ସ୍ଥାନୀୟ ଲୋକକଥା, ଲୋକଗୀତ, ଲୋକନୃତ୍ୟକୁ ନେଇ ଆନିମେଶନ୍ କାହାଣୀ ପ୍ରଦର୍ଶନ କରାଯିବ। କ୍ରୀଡ଼ାଙ୍ଗନ କ୍ଲବର ଛାତ୍ରୀଛାତ୍ର ଦେଖିଥିବା ଜୀବନ କୌଶଳ ପ୍ରଦର୍ଶନ କରିବା ସହିତ ନିଜ ଅନୁଭୂତି ସମ୍ପର୍କରେ ମତାମତ ରଖିବେ। ଜିଜ୍ଞାସା କ୍ଲବ ଅଧୀନରେ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯିବ। ଛାତ୍ରୀଛାତ୍ର ନିଜ ଆଞ୍ଚଳିକ ଭାଷାରେ ସ୍ଥାନୀୟ ସଂସ୍କୃତି, ଇତିହାସ, ଜଳବାୟୁ ପରିବର୍ତ୍ତନ, ପରିବେଶ, ବର୍ଜ୍ୟବସ୍ତୁର ପରିଚାଳନା ଓ ପୁନଃ ବ୍ୟବହାର ଉପରେ ପ୍ରକଳ୍ପ କରିବେ। ଫେବୃଆରୀ ୩ରୁ ୫ ଯାଏ ହେବାକୁ ଥିବା 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୩ତାରିଖ ଦିନ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା କରାଯାଇଛି। ଫେବୃଆରୀ ୪ ଓ ୫ ତାରିଖରେ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ କାର୍ଯ୍ୟକ୍ରମ କରାଯିବ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବର୍ଷର ଶ୍ରେଷ୍ଠ ହାଉସ ଏବଂ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ନକ୍ସାପାଲିରୁ ଧନୁପାଲି ଏବଂ ଧନୁପାଲିରୁ ସିନ୍ଦୂରପଙ୍କ ରାସ୍ତାର ଉନ୍ନତୀକରଣକୁ ମଞ୍ଜୁରୀ

**ଧର୍ମେନ୍ଦ୍ରଙ୍କ ଅନୁରୋଧ ରଖିଲେ ଗଡକରୀ**

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)



ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ରକ୍ଷାକରି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଅନୁଗୋଳ–ସମ୍ବଲପୁର ଏନଏଚ୍–୫୫ ଅନ୍ତର୍ଗତ ନକ୍ସାପାଲିରୁ ଧନୁପାଲି ଛକ ଏବଂ ଧନୁପାଲି ଛକରୁ ସିନ୍ଦୂରପଙ୍କ ମଧ୍ୟରେ ନିର୍ମାଣାଧୀନ ରାସ୍ତାର ଏକକାଳୀନ ଉନ୍ନତୀକରଣ ଏବଂ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା କରିବା ପାଇଁ ମଞ୍ଜୁରୀ ଦେଇଛନ୍ତି।

ଧର୍ମେନ୍ଦ୍ର ଗତ ନଭେମ୍ବର ୬ରେ ଗଡକରୀଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରି ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ସେ ଚିଠିରେ ଉଲ୍ଲେଖ କରିଥିଲେ, ନକ୍ସାପାଲିରୁ ଧନୁପାଲି ଛକ ଏବଂ ଧନୁପାଲି ଛକରୁ ସିନ୍ଦୂରପଙ୍କ ବାଇପାସ ରୋଡର ନିର୍ମାଣ କାମ ଜାରି ରହିଛି। ଲୋକଙ୍କ ଯାତାୟାତ ସୁବିଧା ଓ କଲ୍ୟାଣ ପାଇଁ ଏହି ରାସ୍ତାର ଉନ୍ନତୀକରଣ ଓ ଆଲୋକୀକରଣର ଆବଶ୍ୟକତା ରହିଛି। ତେବେ ଏହି ଦୁଇ ରାସ୍ତା କାମର ଏକକାଳୀନ ଉନ୍ନତୀକରଣ ଓ ବିଦ୍ୟୁତୀକରଣ କାମ ପାଇଁ ଅନୁମୋଦନ ମିଳିବା ଦ୍ୱାରା ସମ୍ବଲପୁର ସମେତ ପାଖାପାଖି ଜିଲାରେ ସଡ଼କ ଭିତ୍ତିଭୂମି ଅଧିକ ମଜଭୁତ ହେବା ସହ ଗମନାଗମନ ସୁବିଧା ତ୍ୱରାନ୍ୱିତ ହେବ। ଏହାଦ୍ୱାରା ବ୍ୟବସାୟ ବଢ଼ିବା ସହ ସ୍ଥାନୀୟ ଅର୍ଥନୀତି ମଜଭୁତ ହେବ। ସମ୍ବଲପୁର ସମେତ ପାଖାପାଖି ଅଞ୍ଚଳର ଜନସାଧାରଣ ବିଶେଷ ଉପକୃତ ହେବେ। ଜନସାଧାରଣଙ୍କ ଯାତାୟାତ ସୁବିଧାକୁ ପ୍ରାଥମିକତା ଦେବା ହେଉଛି କେନ୍ଦ୍ର ସରକାରଙ୍କ ଗ୍ୟାରେଣ୍ଟି। ରାଜପଥର ବିକାଶକୁ ଆଗେଇ ନେବା ପାଇଁ ମୋଦି ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ। ଅନୁରୋଧକୁ ରକ୍ଷାକରି ଏହି କାମକୁ ଅନୁମୋଦନ ଦେଇଥିବାରୁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରଣାଳୟର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

# ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣା: ଚନ୍ଦ୍ରପୁରରେ କେନ୍ଦ୍ରୀୟ ଫରେନ୍‌ସିକ୍ ଟିମ୍‌ର ତଦନ୍ତ

ରାୟଗଡ଼ା,୮।୧(ଆଶିଷ ରଞ୍ଜନ ପଣ୍ଡା)

ବହୁଚର୍ଚ୍ଚିତ ରାୟଗଡ଼ା ଜିଲା ଚନ୍ଦ୍ରପୁର ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣାର ଅଧିକ ତଦନ୍ତ ପାଇଁ ସୋମବାର ଘଟଣାସ୍ଥଳରେ ପହଞ୍ଚିଛି କେନ୍ଦ୍ରୀୟ ଫରେନ୍‌ସିକ ଟିମ୍। ୨ ଜଣିଆ ଫରେନ୍‌ସିକ ଟିମ୍ ପ୍ରଥମେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିଲା। ପରେ ଚନ୍ଦ୍ରପୁର ଯାଇ ମୃତଦେହ ପଡ଼ି ରହିଥିବା ସ୍ଥାନରେ ଯାଞ୍ଚ କରିବା ସହ କିଛି ସାମଗ୍ରୀ ଜବତ କରିଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀଙ୍କୁ ପେଟ୍ରୋଲ, ଡିଜେଲ କିମ୍ବା କିରୋସିନ ମଧ୍ୟରୁ କେଉଁ ପେଟ୍ରୋଲିୟମ ସାମଗ୍ରୀରେ ପୋଡ଼ାଯାଇଛି ତାହାର ଅନୁଧ୍ୟାନ କରିଥିଲେ। ଏଥିସହ ଲକ୍ଷ୍ମୀ ରହୁଥିବା ମା' ଗୃହକୁ ଯାଇ ତଦନ୍ତ କରିଥିଲେ। ଚନ୍ଦ୍ରପୁରରେ ଯାଞ୍ଚ ଶେଷ ପରେ ଭୁବନେଶ୍ୱର ଯାଇ ସେଠାରେ ଭିସେରା ପରୀକ୍ଷା କରିବ ବୋଲି ସୂଚନା ମିଳିଛି। ଏହି ଘଟଣାର ତଦନ୍ତ ଏବେ କ୍ରାଇମବ୍ରାଞ୍ଚ କରୁଛି। ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ୧୦ଜଣିଆ ଟିମ୍ ସହ ଷ୍ଟେଟ୍ ଫରେନ୍‌ସିକ ଦଳ ଏହା ପୂର୍ବରୁ ଆସି ତଦନ୍ତ କରିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ରାୟଗଡା ଓ କୋରାପୁଟ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସାମିଲ ଥିଲା। ତେବେ ୨୦ଦିନ ପରେ ମଧ୍ୟ ଲକ୍ଷ୍ମୀଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇନାହିଁ। କେନ୍ଦ୍ରୀୟ ଫରେନ୍‌ସିକ ଟିମ୍‌ର ଯାଞ୍ଚ ପରେ କିଛି ବଡ଼ ସୁରାକ ମିଳିଥିବା ଅନୁମାନ କରାଯାଉଛି।

ପ୍ରକାଶଥାଉକି, ଗତ ଡିସେମ୍ବର ୨୧ରେ ଲକ୍ଷ୍ମୀ ମାଝିଙ୍କ ମୃତଦେହ ଜବତ କରାଯାଇଥିଲା। ଲକ୍ଷ୍ମୀଙ୍କୁ ନ୍ୟାୟ ପାଇଁ କାଶୀପୁରରେ ଆଦିବାସୀ ସଂଗଠନ ତରଫରୁ ବିଶାଳ ରାଲି କରାଯାଇଥିଲା। ସେହିଭଳି ୨୬ରେ ଭାଜପା ମହିଳା ମୋର୍ଚ୍ଚାର ଏକ ଟିମ୍ ଚନ୍ଦ୍ରପୁର ଗସ୍ତ କରି ଘଟଣାର ତଦନ୍ତ କରିଥିଲା। ୨୭ରେ ଭାଜପା ପକ୍ଷରୁ ୬ ଘଣ୍ଟିଆ ଜିଲା ବନ୍ଦ କରାଯାଇଥିଲା। ସେହିଭଳି ଗତ ୫ ତାରିଖରେ ଜିଲା ଆଦିବାସୀ ମହାସଂଘର ବନ୍ଦ ପାଳନ ବେଳେ ଏହି ପ୍ରସଙ୍ଗ ସ୍ଥାନିତ ହୋଇଥିଲା।



କେନ୍ଦ୍ରୀୟ ଫରେନ୍‌ସିକ୍ ଟିମ୍ ଚନ୍ଦ୍ରପୁରରେ ଲକ୍ଷ୍ମୀ ମାଝି ମୃତ୍ୟୁ ଘଟଣାର ତଦନ୍ତ କରୁଛି।

# ଘାଟିରେ ଓଲଟିଲା ଗାଡ଼ି, ୨୧ ଛାତ୍ର ଆହତ



ଆର୍.ଉଦୟଗିରି/ମୋହନା,୮।୧
(ମନୋଜ ପାଢ଼ୀ/ମନ୍ମଥ ମିଶ୍ର)

ଗଜପତି ଜିଲା ଆର. ଉଦୟଗିରି ଚମ୍ପା ଘାଟିରେ ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିବାରୁ ୨୧ ଜଣ ଛାତ୍ର ଆହତ ହୋଇଛନ୍ତି। ଆହତମାନଙ୍କୁ ଆର୍. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏହି ଛାତ୍ରମାନେ ଆର୍. ଉଦୟଗିରିରେ ନୂଆ –ଓ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଖେଳ ଶିକ୍ଷକଙ୍କ ସହ ଯାଇଥିଲେ। ସେଠାରୁ ପିକ୍‌ଅପ୍ ଭ୍ୟାନରେ ଫେରୁଥିବା ବେଳେ ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭାରିଯାନ–ବାଇକ୍ ଧକ୍କା: ୩ ଯୁବକ ମୃତ

ବ୍ରଜରାଜନଗର, ୮।୧(ବିଜୟ ବରାଡ଼)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଓ ବେଲପାହାଡ଼ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଗୌରପଡାଠାରେ ସୋମବାର ଭୋରରେ ଦୁର୍ଘଟଣା ଘଟିଛି। ଏକ ଭାରିଯାନ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୩ ଯୁବକଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ଲଖନପୁର ବ୍ଲକ ଅନ୍ତର୍ଗତ ବାଡିପାହାଡ଼ ଗ୍ରାମର ମନବୋଧ ଛତ୍ରିଆ ଓ ସାଗର ଛତ୍ରିଆ, ସାହଜବାହାଲ ଗ୍ରାମର ତପନ ଧୁରୁଆ। ସେମାନେ ଏକ ବାଇକ୍‌ରେ ଯାଉଥିଲେ। ଗୌରପଡ଼ାଠାରେ ଧକ୍କା ହେବା ପରେ ଭାରିଯାନ ଫେରାର୍ ହୋଇଯାଇଥିଲା। ସକାଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେଲପାହାଡ଼ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏକ ଟ୍ରକ୍‌କୁ ସନ୍ଦେହରେ ପୋଲିସ ଅଟକ ରଖିଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ

**ପାରାଦୀପ ମାଛଧରା ବନ୍ଦର**

ପାରାଦୀପ,୮।୧(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦର ପରିସରରେ ନିର୍ମାଣାଧୀନ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ସ୍ଥାପନ କରିଛନ୍ତି। ଉକ୍ତ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରଧାନ ମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନାରେ ୧୦୮.୯୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ସ୍ୱତନ୍ତ୍ର ନିଲାମ ଗୃହ, ବାଣିଜ୍ୟିକ କମ୍ପ୍ଲେକ୍ସ, ପାଚେରି, ଉପକୂଳ ସୁରକ୍ଷା ବ୍ୟବସ୍ଥା ଆଦି କାର୍ଯ୍ୟ ନିର୍ମାଣାଧୀନ ରହିଛି। ଉକ୍ତ ଭିତ୍ତିପ୍ରସ୍ତର କାର୍ଯ୍ୟ ପରେ ସାଧାରଣ ସଭା ହୋଇଥିଲା। ଏଥିରେ ରୂପାଲାଙ୍କ ସହ ରାଜ୍ୟ ମତ୍ସ୍ୟମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ନୂତନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ରୂପାଲା କହିଥିଲେ, ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ସରକାର ଯଥେଷ୍ଟ ପ୍ରୟାସ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ କାର୍ଯ୍ୟ ମଧ୍ୟରେ ମତ୍ସ୍ୟଜୀବୀ ମଧ୍ୟ ସମାନ ଭାଗିଦାର ହେବେ। ନୂତନ ପ୍ରକଳ୍ପ ଦ୍ୱାରା ୬୦୦ରୁ ଅଧିକ ବୋଟ୍ ଓ ଡଙ୍ଗା ସାହାଯ୍ୟରେ ମାଛ ଧରୁଥିବା ମତ୍ସ୍ୟଜୀବୀ ଉପକୃତ ହେବେ। ରାଜ୍ୟ ମନ୍ତ୍ରୀ ସ୍ୱାଇଁ କହିଥିଲେ, ଏହା ରାଜ୍ୟର ଏକ ବଡ଼ ମାଛଧରା ବନ୍ଦର। ୨୦୧୧ରେ ରାଜ୍ୟ ସରକାର ଏହାକୁ ହାତକୁ ନେଇଥିଲେ। ଅନେକ କାର୍ଯ୍ୟ ହୋଇଛି। ଏବେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ପ୍ରକଳ୍ପକୁ ଆହୁରି କ୍ରିୟାଶୀଳ କରିଛି। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୃତ ଡ୍ରାଇଭରଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ



**ଓଡ଼ିଶା ମୋଟର ପରିବହନ ଚାଳକ କର୍ମଚାରୀ କଲ୍ୟାଣ ବୋର୍ଡର ସଦସ୍ୟଙ୍କୁ ମିଳିଲା ପରିଚୟପତ୍ର**

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ଓଡ଼ିଶା ମୋଟର ପରିବହନ ଚାଳକ କର୍ମଚାରୀ କଲ୍ୟାଣ ବୋର୍ଡର ସଦସ୍ୟଙ୍କୁ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ସୋମବାର ଏକ କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୃତ ଡ୍ରାଇଭରଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ କରାଯିବା ସହ ପରିବହନ ଚାଳକ କର୍ମଚାରୀ କଲ୍ୟାଣ ବୋର୍ଡ଼ର ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ସମାରୋହରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର, ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲୀ ଓ ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା ମୋଟର ଡ୍ରାଇଭର ମହାସଂଘ ସେମାନଙ୍କ ବିଭିନ୍ନ ଦାବି ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ମୃତ ଡ୍ରାଇଭରଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ଏକ ମୁଖ୍ୟ ଦାବି ଥିଲା। ଏହି କାର୍ଯ୍ୟକ୍ରମରେ ମୃତ ଡ୍ରାଇଭରଙ୍କ ପରିବାରବର୍ଗଙ୍କୁ ଯଥା ସୁକାନ୍ତି ପାତ୍ର, ପ୍ରଭାତୀ ଭୋଇ ଓ ଅନନ୍ୟା ସାହୁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହାସହ ଓଡ଼ିଶା ମୋଟର ପରିବହନ ଚାଳକ କର୍ମଚାରୀ କଲ୍ୟାଣ ବୋର୍ଡ଼ର ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲୀ, ଦୀପକ ନାୟକ, ଆଦିତ୍ୟ ପ୍ରସାଦ ବେହେରା, ପ୍ରଦୀପ କୁମାର ମହାନ୍ତି ପ୍ରମୁଖଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ମୋଟର ଡ୍ରାଇଭର ମହାସଂଘର ସଦସ୍ୟମାନଙ୍କୁ ସଂଘର ଅନ୍ୟ ଦାବିଗୁଡିକୁ ଉପଯୁକ୍ତ ଫୋରମ୍‌ରେ ଉପସ୍ଥାପନା କରିବା ସହ ହଠାତ୍ ଧର୍ମଘଟ ଡାକରା କରି ଯାତ୍ରୀମାନଙ୍କ ଯାତାୟାତରେ ବାଧା ନ ଦେବାକୁ ଏହି ଅବସରରେ ଅନୁରୋଧ କରାଯାଇଛି।


**ପୂର୍ବ ତଟ ରେଳପଥ**

Tender Notice No.: eT-M-CD-BBS-QSA-KB-241-23, ତାରିଖ : 28.12.2023

| | |
|---|---|
| କାର୍ଯ୍ୟର ନାମ : | ତିନି ବର୍ଷର ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ର M/S KNORR-BREMSE ମେକ୍ OEM ର ସଂଶୋଧିତ ଜଙ୍କସନ ବାକ୍ସ ଡିସ୍କ ବ୍ରେକ ସିଷ୍ଟମ୍ ଏବଂ ସଂଶୋଧିତ ଓ୍ୱାୟରିଙ୍ଗ୍ ଲେଆଉଟ୍‌ର କଣ୍ଡିସନ୍ ଆଧାରିତ ସ୍ପେୟାର୍ସ୍‌ର ତ୍ରୈମାସିକ ସିଡ୍ୟୁଲ୍ ଯାଞ୍ଚ ଏବଂ ପୁନଃସ୍ଥାପନ। |
| ବିଜ୍ଞାପିତ ମୂଲ୍ୟ : | ଟ.14,81,96,575.24, |
| EMD: | ଟ. 8,91,000/- |
| କାର୍ଯ୍ୟସମାପ୍ତିର ଅବଧି: | 36 ମାସ |
| ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : | ତା.19.01.2024 ରିଖ 1530 ଘଟିକାରେ। |

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in. ରେ ଉପଲବ୍ଧ।

ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ଭୁବନେଶ୍ୱର
PR-954/O/23-24

**ପୂର୍ବତଟ ରେଳପଥ**

Auction Catalogue No.: SBP-CATG-MR-23, ତାରିଖ : 27.12.2023

କ୍ରମ ସଂ. ୧. ସମ୍ପତ୍ତିର ବିବରଣୀ : ମହାସମୁନ୍ଦ "ଡି" ବର୍ଗ (MSMD)/PF01 ରେଲୱେ ଷ୍ଟେସନ୍ ଠାରେ ୫ ବର୍ଷ ପାଇଁ ଟି.ଷ୍ଟଲ (GMU-UR)ର ବ୍ୟବସ୍ଥା। ଷ୍ଟେସନ: ମହାସମୁନ୍ଦ /PF01 (MSMD)

କ୍ରମ ସଂ. ୨. ସମ୍ପତ୍ତିର ବିବରଣୀ : ରେଢାଖୋଲ ଷ୍ଟେସନ୍ "ଡି" ବର୍ଗ (RAIR)/PF01 ରେଲୱେ ଷ୍ଟେସନ୍ ଠାରେ ୫ ବର୍ଷ ପାଇଁ ଟି ଷ୍ଟଲ (SMU-OBC/WOMEN)ର ବ୍ୟବସ୍ଥା। ଷ୍ଟେସନ : ରେଢାଖୋଲ /PF01 (RAIR)

ନିଲାମ ଆରମ୍ଭ ତାରିଖ ଏବଂ ସମୟ: ତା.17.01.2024ରିଖ 1100 ଘଟିକା। (ସମସ୍ତ କ୍ର.ନଂ. ନିମନ୍ତେ)

ନିଲାମ ସମାପ୍ତ ତାରିଖ ଏବଂ ସମୟ: ତା.17.01.2024ରିଖ 1140 ଘଟିକା। (ସମସ୍ତ କ୍ର.ନଂ. ନିମନ୍ତେ)

Tender Notice No.: C-NIT-TS-SBP1-GMU-PF01, ତା.27.12.2023

| | |
|---|---|
| କାର୍ଯ୍ୟର ନାମ: | 05(ପାଞ୍ଚ) ବର୍ଷର ଅବଧି ନିମନ୍ତେ ସମ୍ବଲପୁର (SBP) ଷ୍ଟେସନର ପିଏଫ୍ ନଂ.: ୧ (SBPY END) ରେ ଟି ଷ୍ଟଲ ପାଇଁ ଟେଣ୍ଡର। |
| ବାର୍ଷିକ ସଂରକ୍ଷିତ ମୂଲ୍ୟ : | ଟ.8,00,000/- (ଆଠଲକ୍ଷ)ମାତ୍ର |
| EMD : | ଟ.2,00,000/- (ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପ୍ରଦାନ)। |

Tender Notice No.: C-NIT-TS2-KBJ-GMU-PF01, ତା.27.12.2023

| | |
|---|---|
| କାର୍ଯ୍ୟର ନାମ: | 05(ପାଞ୍ଚ) ବର୍ଷର ଅବଧି ନିମନ୍ତେ କଣ୍ଟାବାଞ୍ଜି (KBJ) ଷ୍ଟେସନର ପିଏଫ୍ ନଂ.: ୧ରେ ଟି ଷ୍ଟଲ ପାଇଁ ଟେଣ୍ଡର। |
| ବାର୍ଷିକ ସଂରକ୍ଷିତ ମୂଲ୍ୟ : | ଟ.1,68,776/- (ଏକଲକ୍ଷ ଅଠଷଠି ହଜାର ସାତଶହ ଛଅସ୍ତରି)ମାତ୍ର। |
| EMD : | ଟ.42,500/- (ନେଟ୍ ବ୍ୟାଙ୍କିଙ୍ଗ୍ କିମ୍ବା ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପ୍ରଦାନ)। |
| ଟେଣ୍ଡର କାଗଜାତ୍ ମୂଲ୍ୟ (ଅଣଫେରସ୍ତ ଯୋଗ୍ୟ) : | ଟ.2500+(18%)ଜିଏସ୍‌ଟି = ଟ.2950/- (ଅଣଫେରସ୍ତ ଯୋଗ୍ୟ)। ଟେଣ୍ଡର ମୂଲ୍ୟ କେବଳ ଅନ୍‌ଲାଇନ୍ ନେଟ୍ ବ୍ୟାଙ୍କିଙ୍ଗ୍ ଗେଟ୍‌ୱେ ମାଧ୍ୟମରେ ଗ୍ରହଣ କରାଯିବ (ସମସ୍ତ ଟେଣ୍ଡର ଗୁଡିକ ନିମନ୍ତେ)। |
| ସଂଶୋଧନ/ଶୁଦ୍ଧି ପତ୍ର ଜାରି କରାଯିବା ଶେଷ ତାରିଖ ଯଦି କିଛି ଥାଏ : | ନିଲାମ ଆରମ୍ଭ ତାରିଖ ପର୍ଯ୍ୟନ୍ତ (ସମସ୍ତ ଟେଣ୍ଡର ଗୁଡିକ ନିମନ୍ତେ)। |
| ଟେଣ୍ଡର ଦାଖଲର ଶେଷ ତାରିଖ ସମୟ: | ତା.22.01.2024 ରିଖ (1100 ଘଟିକା ପର୍ଯ୍ୟନ୍ତ) (ସମସ୍ତ କ୍ର.ନଂ. ନିମନ୍ତେ)। |
| ଟେଣ୍ଡର ଖୋଲାଯିବା ତାରିଖ ଏବଂ ସମୟ : | ତା.22.01.2024 ରିଖ (1130 ଘଟିକା ପର୍ଯ୍ୟନ୍ତ) (ସମସ୍ତ କ୍ର.ନଂ. ନିମନ୍ତେ)। |
| ଚୁକ୍ତି ଅବଧି : | 05 (ପାଞ୍ଚ) ବର୍ଷ (ସମସ୍ତ କ୍ର.ନଂ. ନିମନ୍ତେ)। |

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ସମ୍ବଲପୁର
PR-953/O/23-24



**कार्यपालक अभियंता का कार्यालय, पथ निर्माण विभाग,पथ प्रमण्डल,गढ़वा**

E-mail - eercdgarhwa-jhr@nic.in

**शुद्धि पत्र**

एतद् द्वारा सूचित किया जाता है कि पथ निर्माण विभाग, पथ प्रमण्डल, गढ़वा अंतर्गत प्रकाशित निविदा **Improvement of Riding Quality work of Chainpur-Ramkanda Road from km. 13.00 to km. 26.718 (Total Length 13.718 km.) under Road Division, Garhwa** जिसका e-Tender Reference No. **RCD/GARHWA/1338/2023-24 (2nd Call)** दिनांक 27.12.2023 **(PR 314579 Road(23-24).D** में क्रमांक 4 एवं 5 में उल्लेखित तिथि को निम्नवत् संशोधित किया जाता है–

| | | |
|---|---|---|
| 4. | Last date/Time for receipt of bids | 13-01-2024, 12.00 Noon |
| 5. | Date of Publication of Tender on website | 08-01-2024, 10.30 A.M. |

अन्य सभी यथावत् रहेगा।

ह0/–
कार्यपालक अभियंता,
प0नि0वि0, पथ प्रमण्डल, गढ़वा

PR 315413 Road(23-24).D



**OFFICE OF THE TAHASILDAR, GAISILET**
DISTRICT: BARGARH (ODISHA)
ତହସିଲ କାର୍ଯ୍ୟାଳୟ, ଗାଏସିଲାଟ, ଜିଲ୍ଲା: ବରଗଡ଼ (ଓଡ଼ିଶା)
e-mail Address: tah.gals.od@nic.in, tahasildargaisilet@gmail.com, Phone No.: 66832257373 (O)

No. 61 Date: 06.01.2024

**Annexure - I**

**GAISILET TAHASIL**

**QUOTATION/TENDER CALL NOTICE**

Sealed quotations/tenders are invited from interested reputed Travel Agencies/Tour Operators of private individuals for providing 1 No. (TUV300/BOLERO/SUMO GOLD/ERTIGA) of Non AC/AC Petrol/Diesel driven vehicles having sitting capacity not more than ten including driver, which shall conform to the Terms and conditions (Annexure-II) for official use in Tahasil Office Gaisilet on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, GST registration and GeM registration, Insurance Certificate, Fitness Certificate, valid Contrat Carriage Permit, proof of uptodate tax payment etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Tahasildar, Gaisilet and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must have a fuel efficiency of at least 10 Kms. per litre.
7. The details of the make and year of manufacture of the vehicle, reigstration no., mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with the Quotation/Tender (Annexure - III).
8. The quotation completed in all respect should reach the undersigned on or before 22.01.2024 by 11.00 A.M. and shall be opened on the 12.05 P.M. in presence of the bidders or their authorized.
9. A sealed envelope on the top citing as 'Tender for Hiring of Vehicle on monthly basis in the office of the Tahasildar Gaisilet" should be submitted.
10. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available with NAZIR of the Gaisilet Tahasil office on payment of Rs.100/- from 06.01.2024 to 22.01.2024 or can be downloaded from Odisha Govt. website **www.odisha.gov.in** from 06.01.2024 to 22.01.2024. In case the application form is downloaded from Govt. website, the applicant shall furnsih a Demand Draft for an amount Rs.100/- (Rupees one hundred) only towards the cost of application along with the application.

**Sd./- Tahasildar, Gaisilet**



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ-୮(୧)

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭିଏସ୍‌ଏସ୍ ନଗର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଭିଏସ୍‌ଏସ୍ ନଗର ଶାଖା<br>ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ବନ୍ଧକଦାତା : ଶ୍ରୀ ତାରିକ୍ ଅହମଦ୍ ଖାନ୍, ରେଞ୍ଚ ଖେଳାର, ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୧୪। | ଟ.୯,୩୩,୮୦୨.୮୦ପ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୯.୧୦.୨୦୨୩ / ୦୫.୦୧.୨୦୨୪ | ଶ୍ରୀ ତାରିକ୍ ଅହମଦ୍ ଖାନ୍, ପିତା: ସ୍ୱ.ଲିୟାକତ୍ ଅଲ୍ଲୀ ଖାନ୍‌ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୨୫୫/୧୮୯, ପ୍ଲଟ ନଂ.୧୭/୮୮୦, ଏରିଆ: ୦.୦୩୦ ଡିସିମିଲି (୧୩୦୬.୮ ବର୍ଗଫୁଟ), କିସମ: ଘରବାରୀ (ଗୃହପୋଯୋଗି), ମୌଜା: ରେଞ୍ଚ ଖେଳାର, ନିମାପଡା, ଜିଲ୍ଲା: ପୁରୀ, ପିନ୍-୭୫୨୧୧୪, ଚାରିପାର୍ଶ୍ୱରେ: ଉତ୍ତର- ରେଞ୍ଚ ଶାସନ, ଦକ୍ଷିଣ- ରେଭିନ୍ୟୁ ପ୍ଲଟର ଅବଶିଷ୍ଟାଂଶ, ପୂର୍ବ- ରାସ୍ତା, ପଶ୍ଚିମ- ରେଭିନ୍ୟୁ ପ୍ଲଟର ଅବଶିଷ୍ଟାଂଶ । |

ସ୍ଥାନ-ଭୁବନେଶ୍ୱର, ତାରିଖ-୦୮.୦୧.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ।


See Career Appointment on every Wednesday & Saturday

**ସଂକ୍ଷେପରେ**

## ୨୦ରୁ ଗହୀରମଥାରେ ଡଲ୍‌ଫିନ୍ ଗଣନା

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ସାମୁଦ୍ରିକ ଅଞ୍ଚଳର ଗହୀରମଥାରେ ଆସନ୍ତା ୨୦ ତାରିଖଠାରୁ ଡଲ୍‌ଫିନ୍ ଗଣନା ହେବ। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗଣନା କାର୍ଯ୍ୟ ପାଇଁ ବନ ବିଭାଗ ୯ଟି ଟିମ୍ ପ୍ରସ୍ତୁତ କରୁଛନ୍ତି। ଏହି ସାମୁଦ୍ରିକ ଜୀବଙ୍କ ଉପଲବ୍ଧିକୁ ନେଇ ଗଣନା ରିପୋର୍ଟ ପ୍ରକାଶ ପାଇବ। ତେବେ ପାଣିପାଗ ବହୁସମୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତାରିଖ ପରିବର୍ତ୍ତନ ହେବା ସମ୍ଭାବନା ଅଛି। ଟିମ୍ ସଦସ୍ୟ ଧାମରା ମୁହାଣଠାରୁ ମହାନଦୀ ମୁହାଣ ମଧ୍ୟସ୍ଥ ଗହୀରମଥା ସମୁଦ୍ରାଞ୍ଚଳ, ଭିତରକନିକା ଜାତୀୟ ଉଦ୍ୟାନସ୍ଥ ଜଳାଶୟରେ ଅନୁଧ୍ୟାନ କରିବେ ବୋଲି ବନ ବିଭାଗ ରେଞ୍ଜ ଅଫିସର ପ୍ରଦୋଷ ମହାରଣା ସୋମବାର ସୂଚନା ଦେଇଛନ୍ତି। ଏହି ସମୟରେ ଗଣନାକାରୀ ଡଲ୍‌ଫିନ୍‌ଙ୍କ ଉପସ୍ଥିତିକୁ ଜିପିଏସ୍ ଲୋକେସନ ଦ୍ୱାରା ସୂଚନା ପ୍ରଦାନ କରିବେ। ଏ ସମ୍ପର୍କରେ ରେଞ୍ଜ ଅଫିସର ମହାରଣା କହିଛନ୍ତି, ଗହୀରମଥାକୁ ୧୯୯୭ ମସିହାରେ ସଂରକ୍ଷିତ କରାଯାଇଛି। ଏଠାରେ ବିରଳ ଅଲିଭ୍ ରିଡ୍‌ଲେଙ୍କ ମିଳନ ହେଉଥିବା ବେଳେ ଦେଶୀ ବିଦେଶୀ ପକ୍ଷୀଙ୍କ ସମ୍ଭାର ପ୍ରତ୍ୟେକ ବର୍ଷ ଶୀତଋତୁରେ ବଢ଼ିଥାଏ।

# ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

ଢେଙ୍କାନାଳ,୮।୧(ରତନ ନାୟାର)



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ପ୍ରଦାନ କରୁଛନ୍ତି ଓ ଗିରଫ ଅଭିଯୁକ୍ତ।

- ଚଢ଼ାଉ ବେଳେ ଖସିଗଲେ ୫ ସଦସ୍ୟ
- ୫ ବୋମା, ଖଣ୍ଡା, ଲାଇଟର ଗନ୍ ଓ ବାଇକ୍ ଜବତ
- ଜଙ୍ଗଲ ନିକଟସ୍ଥ କୁଡିଆ ଘରେ ହେଉଥିଲା ଯୋଜନା



ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି କଦମପାଳ ଗ୍ରାମରେ ଡକାୟତି ଉଦ୍ୟମକୁ ପଣ୍ଡ କରିଛି ପୋଲିସ। କଦମପାଳ ଜଙ୍ଗଲ ନିକଟସ୍ଥ ଏକ କୁଡିଆ ଘରେ ସୋମବାର ଭୋର୍ ସମୟରେ ଏକ ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ବସି ଯୋଜନା ପ୍ରସ୍ତୁତ କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ଭାପୁର ଫାଣ୍ଡି ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ଜଣ ଘଟଣାସ୍ଥଳରୁ ଖସିଯାଇଛନ୍ତି। ଘଟଣାସ୍ଥଳରୁ ପୋଲିସ ୫ ଅଫୁଟା ବୋମା, ୨ ବାଇକ୍, ଗୋଟିଏ ସ୍କୁଟି, ଖଣ୍ଡା, ଲାଇଟର ଗନ୍ ଏବଂ କମ୍ପ୍ୟୁଟର ସାମଗ୍ରୀ ଜବତ କରିଥିବା ସୋମବାର ସନ୍ଧ୍ୟାରେ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ପ୍ରାୟ ୮ଜଣ ଦୁର୍ବୃତ୍ତ କଦମପାଳ ଗ୍ରାମରେ ଡକାୟତି କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜଙ୍ଗଲ ନିକଟରେ ଥିବା ଏକ କୁଡିଆ ଘରେ ବସି ଯୋଜନା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଭାପୁର ଫାଣ୍ଡି ଅଧିକାରୀ ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପାଟ୍ରୋଲିଂ ଟିମ୍ ସହ ସେଠାରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ପ୍ରାୟ ୫ଜଣ ଫେରାର ହୋଇଯାଇଥିଲେ। ୩ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନେ ହେଲେ ଗ୍ୟାଙ୍ଗର ମୁଖ୍ୟ କଦମପାଳ ଗ୍ରାମର ଗଣିଆ ଓରଫ୍ ଗଣେଶ୍ୱର ଓରଫ୍ ଚନ୍ଦ୍ରକାନ୍ତ ନାୟକ(୨୩), ଗୋନା ନାୟକ(୧୮) ଓ କଟକ ଜିଲା ଟିଗିରିଆ ଥାନା ସୋମପଡା ଗ୍ରାମର ଜୀବନ ଓରଫ ରଜତ ପ୍ରଧାନ(୨୨)। ମୁଖ୍ୟ ଅଭିଯୁକ୍ତ ଗଣିଆଙ୍କ ନାମରେ ଢେଙ୍କାନାଳ ଜିଲାର ସଦର, ମୋଟଙ୍ଗା ଓ ରାସୋଳ ଥାନାରେ ମୋଟ ୧୧ଟି ମାମଲା ରହିଛି। ସେଥିରୁ ସଦର ଥାନାରେ କେବଳ ୯ଟି ମାମଲା ରହିଛି। ଏହି ଗ୍ୟାଙ୍ଗ ବିଶେଷକରି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀମାନଙ୍କ ଠାରୁ ଟଙ୍କା ଲୁଟ୍ ଘଟଣାରେ ସାମିଲ ଥିବା ଏସ୍‌ପି କହିଥିଲେ। ଏହି ଗ୍ୟାଙ୍ଗ ଗତ ୬ ସେପ୍ଟେମ୍ବରରେ ରାସୋଳ ଥାନା ଅଞ୍ଚଳରେ ଜଣେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କ ଠାରୁ ୫୩ ହଜାର ୮୨୯ ଟଙ୍କା ଲୁଟିଥିଲେ। ଗତ ୩୧ ଡିସେମ୍ବରରେ ମୋଟଙ୍ଗା ଥାନା ଅଞ୍ଚଳରୁ ୩୩ ହଜାର ୯୨୬ ଟଙ୍କା, ୪ଟି ମୋବାଇଲ ଓ ଗୋଟିଏ ମିନି ଲାପଟପ୍ ଜଣଙ୍କ ଘରୁ ଲୁଟିଥିଲେ। ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ-୨୮।୨୪ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ସଦର ଥାନା ଅତିରିକ୍ତ ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ ଓ ଭାପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବୃଆରୀରେ ବିଜୟଙ୍କୁ ବିବାହ କରିବେ ରଶ୍ମିକା



**ମୁମ୍ବାଇ:** ନିକଟରେ ମୁକ୍ତିଲାଭ କରିଥିବା ଫିଲ୍ମ 'ଆନିମଲ' ପାଇଁ ଅଭିନେତ୍ରୀ ରଶ୍ମିକା ମାନ୍ଧାନା ଚର୍ଚ୍ଚାରେ ଅଛନ୍ତି। ମୁଭିରେ ତାଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଇଛି। ବହୁତ କମ୍ ବୟସରେ ସେ ସାଉଥ୍‌ରୁ ବଲିଉଡ୍ ପର୍ଯ୍ୟନ୍ତ ନିଜର ନାମ ଅର୍ଜନ କରିଛନ୍ତି। ରଶ୍ମିକା ସବୁ ସମୟରେ କୌଣସି ନା କୌଣସି କାରଣକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ତେବେ ସେ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଆଲୋଚନାକୁ ଆସିଛନ୍ତି। ଦୀର୍ଘ ଦିନ ଧରି ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହିତ ରଶ୍ମିକାଙ୍କ ନାମ ଯୋଡ଼ା ହୋଇଥିଲା। ଉଭୟଙ୍କୁ ମଧ୍ୟ ଅନେକ ଥର ଏକାଠି ଦେଖିବାକୁ ମିଳିଛି। ଏବେ ଏଥିନେଇ ଏକ ଖବର ସାମ୍ନାକୁ ଆସିଛି। ରଶ୍ମିକା ଏବଂ ବିଜୟ ସେମାନଙ୍କ ସମ୍ପର୍କକୁ ଅଫିସିଆଲ କରିବାକୁ ଯାଉଛନ୍ତି। ଦୁହେଁ ଆସନ୍ତା ଫେବୃଆରୀରେ ବିବାହ ବନ୍ଧନରେ ବାନ୍ଧିହେବେ। ହେଲେ ଏପର୍ଯ୍ୟନ୍ତ ଅଫିସିଆଲ ଭାବେ ଉଭୟ ତାରକାଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ତେବେ ରଶ୍ମିକା ୨୦୧୬ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠୁ ସେ ତାଙ୍କ ଅଭିନୟର ଯାଦୁରେ ସମସ୍ତଙ୍କୁ ନିଜର କରି ରଖିଛନ୍ତି। ଆଗକୁ ତାଙ୍କ ପାଖରେ ପୁଷ୍ପା:୨ ବ୍ୟତୀତ ଆଉ ୩ଟି ମୁଭି ରହିଛି।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ଭୁବନ, କାମାକ୍ଷାନଗର



ଭୁବନ ବ୍ଲକରେ ପରିକ୍ରମା ରଥର ଶୁଭାରମ୍ଭ କରାଯାଉଛି।

ଭୁବନ,୮।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ସୋମବାରଠାରୁ ଶ୍ରୀଜଗନ୍ନାଥ ପରିକ୍ରମା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି। ଭୁବନ ରାମମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ପରିକ୍ରମା ରଥ ଏନ୍‌ଏସିର ୧, ୬ ଓ ୭ ନଂ. ୱାର୍ଡ ପରିକ୍ରମା କରିଥିଲା। ମୁଖ୍ୟ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଏଚ, ସମସ୍ତ କାଉନସିଲର, ସ୍ୱୟଂସହାୟକ ଗୋଷ୍ଠୀ କର୍ମକର୍ତ୍ତା ଓ ଏନ୍‌ଏସି କର୍ମଚାରୀମାନେ ଯୋଗ କରିଥିଲେ। ସେହିପରି ୩ ଜିଲାପରିଷଦ ଜୋନ୍ ପାଇଁ ୩ଟି ରଥ ପୂଜାର୍ଚ୍ଚନା ପରେ ବ୍ଲକ କାର୍ଯ୍ୟାଳୟରୁ ବାହାରି ଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇଥିବା ବେଳେ ବିଡିଓ କଲ୍ୟାଣ ସୌରଭ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ପରିବେଷଣ ଓ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କୁନିନ୍ଦା ପଞ୍ଚାୟତଠାରେ ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ସେହିପରି ପରିକ୍ରମା ରଥ ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଓ ୨ ନଂ ୱାର୍ଡ ପରିକ୍ରମା କରିଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ରଥ ବାହାରି ହନୁମାନବଜାର, ଗୋପବନ୍ଧୁ ବଜାର, ଲକ୍ଷ୍ମୀ ବଜାର ଓ ମେନରୋଡ୍ ଦେଇ ୨ ନମ୍ବର ୱାର୍ଡ ପରିକ୍ରମା କରିଥିଲା। ଏହି ଅବସରରେ କାମାକ୍ଷାନଗର ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା ଓ ଶତାଧିକ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।



କାମକ୍ଷାନଗରଠାରେ ପରିକ୍ରମା ରଥକୁ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

# ୧୦ କୋଟିର ମାନହାନି ମାମଲା କଲେ ଅଞ୍ଜନା

ଭୁବନେଶ୍ୱର,୮।୧(ସତ୍ୟଜିତ୍ ରାଉତ)

**ବିବାଦରେ 'ବାରଙ୍ଗ ୧୯୯୯'**




ଓଟିଟି ପ୍ଲାଟ୍‌ଫର୍ମ 'କଞ୍ଚା ଲଙ୍କା' ପକ୍ଷରୁ ରିଲିଜ୍ ହୋଇଥିବା 'ବାରଙ୍ଗ ୧୯୯୯'କୁ ନେଇ ବିବାଦ ଅଧିକ ଘନେଇବାରେ ଲାଗିଛି। ଏହି ୱେବ ସିରିଜ୍‌ରେ ଜଣେ ବଳାତ୍କାର ପୀଡ଼ିତାଙ୍କ ସଂଘର୍ଷର କାହାଣୀ ଦର୍ଶାଯାଇଥିବା ନିର୍ମାଣକାରୀ ସଂସ୍ଥା କହୁଥିବାବେଳେ ଅଞ୍ଜନା ମିଶ୍ର ଶୁଟିଂ ସମୟରୁ ଏହାକୁ ବିରୋଧ କରିଆସୁଛନ୍ତି। ତାଙ୍କ ସହ ଘଟିଥିବା ଘଟଣାକୁ ଏଥିରେ ଦର୍ଶାଯାଇଥିବା ଅଞ୍ଜନା ଦାବି କରୁଛନ୍ତି। ଏପରିକି ଏହି ସିରିଜ୍‌କୁ ୭୨ ଘଣ୍ଟା ମଧ୍ୟରେ ବନ୍ଦ କରିବାକୁ ସପ୍ତାହ ତଳେ ଅଞ୍ଜନା ତାଙ୍କ ଓକିଲ ବିଭୁପ୍ରସାଦ ତ୍ରିପାଠୀଙ୍କ ଜରିଆରେ 'କଞ୍ଚାଲଙ୍କା'ର ସହ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବିଭୁପ୍ରସାଦ ରଥ, ସହ ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକଙ୍କ ସହ ୟୁଟ୍ୟୁବ୍, ଫେସ୍‌ବୁକ୍ କର୍ତ୍ତୃପକ୍ଷ ଓ ଅନ୍ୟମାନଙ୍କୁ ନୋଟିସ୍ ପଠାଇଥିଲେ। ଏହାସତ୍ତ୍ୱେ ଏହାର ପ୍ରସାରଣ ବନ୍ଦ କରା ନ ଯିବାରୁ ଅଞ୍ଜନା ନ୍ୟାୟ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଶନିବାର ସେ ତାଙ୍କ ଓକିଲଙ୍କ ଜରିଆରେ ନୋଟିସ୍ ପାଇଥିବା ୮ଜଣଙ୍କ ବିରୋଧରେ ଭୁବନେଶ୍ୱର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ କୋର୍ଟରେ ୧୦ କୋଟିର ମାନହାନି ମାମଲା ଦାଏର କରିଛନ୍ତି। ଏ ସମ୍ପର୍କରେ ଅଞ୍ଜନା କହିଛନ୍ତି, ଘଟଣା ଜାଣିବା ପରେ ମୁଁ ଉକ୍ତ ସିରିଜ୍ ବନ୍ଦ କରିବାକୁ ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଦେଇଥିଲି। ଏପରିକି ନୋଟିସ୍ ପଠାଯିବା ପରେ ମଧ୍ୟ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ସିରିଜ୍‌କୁ ଓଟିଟି ପ୍ଲାଟଫର୍ମରୁ ଡିଲିଟ୍ କରାଗଲା ନାହିଁ। ତେଣୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଜନା କହିଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୯ ରାତିରେ ବାରଙ୍ଗ ନିକଟରେ ଏକ ଗଣବଳାତ୍କାର ଘଟଣା ସାରା ଦେଶରେ ଚହଳ ପକାଇଥିଲା। ଏଥିପାଇଁ ଓଡ଼ିଶାରେ ସରକାର ବଦଳି ଯାଇଥିଲା। ମହିଳା ଥାନା ପୋଲିସ ପ୍ରଥମେ ସହ ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତଭାର ନେଇ ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ମାମଲାର ତଦନ୍ତଭାର ନେଇଥିଲା। ୧୯୯୯ ଏପ୍ରିଲ ୪ରେ ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରାଜଜ୍ ମହେନ୍ଦ୍ର ଓ ଧୀରେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଜା ଶୁଣାଇଥିଲେ। ୨୦୨୦ ଜାନୁଆରୀ ୨୪ରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ହେଲେ ମାମଲାରେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଲୁଚି ବୁଲୁଥିଲେ। ଦୀର୍ଘ ୨୨ ବର୍ଷ ପରେ ଅର୍ଥାତ୍ ୨୦୨୧ ଫେବୃଆରୀ ୨୧ରେ କମିଶନରେଟ ପୋଲିସର ଏକ ଟିମ୍ ମହାରାଷ୍ଟ୍ର ଆମ୍ବିଭ୍ୟାଲିରୁ ତାଙ୍କୁ ଗିରଫ କରିଥିଲା। ଏବେ ବିବନଙ୍କ ବିରୋଧରେ କୋର୍ଟରେ ଶୁଣାଣି ଜାରି ରହିଛି।

# ଆମ୍ବାଗୁଡ଼ା ରାସ୍ତାରେ ୪ ଭାଲୁ

ଜୟପୁର, ୮।୧ (ପବନ ପାଣିଗ୍ରାହୀ)



କୋରାପୁଟ ଜିଲା ଜୟପୁର ବ୍ଲକରେ ଭାଲୁ ଆତଙ୍କ ଦେଖାଦେଇଛି। ଏନେଇ ଜୟପୁର ବନାଞ୍ଚଳର ଆମ୍ବାଗୁଡା, କୁମୁଲିପୁଟ, ପୁଟ୍ରା, ହାଡିଆ, ସିନ୍ଧିଗାଁରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ୪ଟି ଭାଲୁ ରାତିରେ ଗ୍ରାମାଞ୍ଚଳଗୁଡିକରେ ବୁଲୁଛନ୍ତି। ଚାରି ଦିନ ହେବ ଏହି ଭାଲୁଗୁଡିକ ଜଙ୍ଗଲ ଛାଡି ଗ୍ରାମ ଓ ସହରାଞ୍ଚଳ ମୁହାଁ ହୋଇଛନ୍ତି। ଖବର ପାଇ ବନ ବିଭାଗ ପାଟ୍ରୋଲିଂ କରିବା ସହ ଭୟଭୀତ ନ ହେବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛି। ଦିନ ହେଉ କି ରାତି ଭାଲୁ ରାସ୍ତାରେ ବୁଲୁଛନ୍ତି। ସନ୍ଧ୍ୟା ହେବା ମାତ୍ରେ ଭୟରେ ଗ୍ରାମବାସୀ ବାହାରକୁ ବାହାରୁନାହାନ୍ତି। ଫଳରେ ଆମ୍ବାଗୁଡା ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ ରାତିରେ ଘରକୁ ନ ଫେରି ଆଉ ଏକ ଗ୍ରାମରେ ଆଶ୍ରୟ ନେଉଛନ୍ତି। ରାତିରେ ଉକ୍ତ ରାସ୍ତା ଉପରେ ୪ଟି ଭାଲୁ ଶୋଇ ରହୁଛନ୍ତି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ରାତ୍ରକାଳୀନ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା ଓ ବନପାଳ ରଞ୍ଜିତା ନାୟକ କହିଛନ୍ତି।

# ମନ୍ଦିର ଉପରକୁ ଗୋବର ମାଡ଼

କାମାକ୍ଷାନଗର,୮।୧(ସୁଧୀର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଶିବୁଲାପଶିଠାରେ ଥିବା ବହୁ ପୁରାତନ ସ୍ୱପେଶ୍ୱର ମହାଦେବ ମନ୍ଦିର ଉପରକୁ ରବିବାର ରାତିରେ ହୋଇଛି ଗୋବର ମାଡ଼। ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଈର୍ଷାନ୍ୱିତ ହୋଇ କେତେଜଣ ଦୁର୍ବୃତ୍ତ ଏପରି କରିଥିବା ପରିଚାଳନା କମିଟି ପକ୍ଷରୁ ସୋମବାର ଥାନାରେ ଏତଲା ଦିଆଯାଇଛି। କମିଟି ପକ୍ଷରୁ ଦର୍ଶାଯାଇଛି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଏବେ ସବୁଠି ପରିକ୍ରମା ରଥ ପରିଭ୍ରମଣକୁ ନେଇ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ହରିନାମ ଓ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହେଉଛି। ଏପରି ସମୟରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଉପରକୁ ରାତି ଅଧରେ ଗୋବର ମାଡ଼ କରାଯିବା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୋଗୁ ମନ୍ଦିର ପରିବେଶ ବେଶ୍ ସୁନ୍ଦର ଦିଶୁଥିବା ବେଳେ କମିଟିର ଏହି ସଫଳତାକୁ ସହି ନ ପାରି କେତେଜଣ ଦୁର୍ବୃତ୍ତ ଏପରି ଘୃଣ୍ୟ କାର୍ଯ୍ୟ କରିଥିବା ଅନୁମାନ କରାଯାଉଛି। ତୁରନ୍ତ ପୋଲିସ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରିବାକୁ ମନ୍ଦିର ପରିଚାଳନା କମିଟି ସଭାପତି ନିଶାକର ଜେନା ଏତଲାରେ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ଶରତ କୁମାର ମହାଳିକ କହିଛନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ ଜାରିରହିଛି।

# ଆରମ୍ଭ ହେଲା ଗଙ୍ଗାସାଗର ମେଳା

ଭୋଗରାଇ, ୮।୧(ପ୍ରଦୀପ ଦାସ)



ଗଙ୍ଗାସାଗରସ୍ଥିତ ପ୍ରସିଦ୍ଧ କପିଳମୁନି ମନ୍ଦିରରେ ପୁଣ୍ୟାର୍ଥୀଙ୍କ ଭିଡ଼।

- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୧୫ ଓ ୧୬ରେ ପୁଣ୍ୟସ୍ନାନ
- ୯ରୁ ରସଲପୁର-ମୟାଗାଲିନୀ ଯାତ୍ରୀ ଫେରିଘାଟ ବନ୍ଦ

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ହେବାକୁ ଯାଉଥିବା ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିଛନ୍ତି। ମେଳାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଗଙ୍ଗାସାଗର ମେଳାକୁ ୫୦ଲକ୍ଷରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କ ଆଗମନ ସୂଚନା ମିଳିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏବେଠୁ ତୀର୍ଥଯାତ୍ରୀଙ୍କ ମେଳାକୁ ଆସିବାକୁ କୋଲକାତାର ହାଓ୍ୱଡ଼ା, ବାବୁଘାଟ, ଧର୍ମତଳା, ସିଆଲଦା ରେଳଷ୍ଟେଶନରେ ତୀର୍ଥଯାତ୍ରୀ ସହ ବହୁ ସାଧୁ, ସନ୍ଥ ଓ ନାଗାସନ୍ନ୍ୟାସୀଙ୍କ ଭିଡ଼ ଜମିବାରେ ଲାଗିଛି। ସୁରକ୍ଷା ଦୃଷ୍ଟିରୁ ଜଳ, ସ୍ଥଳ ଓ ଆକାଶବାହିନୀକୁ ସଜାଗ ରଖାଯାଇଛି। ସାଗରମେଳା ପ୍ରବେଶପଥରେ ମେଟାଲ ଡିଟେକ୍ଟର ସହ ଲଟ ନଂ. ୮, କଚୁବେରିଆ, ନାମଖାନା, ଚେମାଗଡ଼ି, ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟ ଆଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନଗୁଡ଼ିକରେ ୧୧୫୦ ସିସି କ୍ୟାମେରା, ୨୨ଟି ଡ୍ରୋନ୍, ୪ଟି ଜଳ ଓ ଜରୁରୀକାଳୀନ ସେବା ପାଇଁ ଗୋଟିଏ ଆକାଶ ଆମ୍ବୁଲାନ୍ସ, ୮ ହଜାର ପୋଲିସ, ସନ୍ଧନୀ କୁକୁର, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ମୁତୟନ ସହିତ ସାଗରବନ୍ଧୁ ନାମିତ ୮ଶହ ଜଣିଆ ଟିମ୍ ପ୍ରସ୍ତୁତ ରହି ତୀର୍ଥଯାତ୍ରୀଙ୍କୁ ସହାୟତା ଦେବେ ବୋଲି ଜିଲା ଶାସକ ସୁମିତ ଗୁପ୍ତା ଧରିତ୍ରୀକୁ ସୂଚନା ଦେଇଛନ୍ତି।

ଏତଦ୍‌ଭିନ୍ନ କୋଲକାତାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ୨ହଜାର ୫ଶହ ଯାତ୍ରୀ ପରିବହନ ସେବା, ସିଆଲଦାଠାରୁ କାକଦ୍ୱୀପ ନାମଖାନା ପର୍ଯ୍ୟନ୍ତ ୬୬ଟି ଅତିରିକ୍ତ ଟ୍ରେନ, ମୁଡ଼ିଗଙ୍ଗା ନଦୀରୁ ପାରିହେବା ନିମନ୍ତେ ଲଟ ନଂ. ୮ ରୁ କଚୁବେରିଆ ଓ ନାମଖାନାରୁ ଚେମାଗଡି ପର୍ଯ୍ୟନ୍ତ ୩୨ଭେସେଲ, ୧୦୦ ଭୂତଳ ଜଳ ପରିବହନ ଯାତ୍ରୀ ପରିସେବା ଲଞ୍ଚ ଯୋଗାଇ ଦିଆଯାଇଛି। ମେଳା ପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୨ଟି ଉଚ୍ଚସ୍ତରୀୟ କମିଟି ଗଠନ କରି ସମୀକ୍ଷା କରିଥିବା ବେଳେ ୧୫ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପୁଣ୍ୟାର୍ଥୀଙ୍କ ପାଇଁ ୭ଟି ଅସ୍ଥାୟୀ ହସ୍‌ପିଟାଲ, ୧୨ଟି ସ୍ଥାନରେ ମେଡିକାଲ ଟିମ, ୧ଶହ ଆମ୍ବୁଲାନ୍ସ, ୧୧ହଜାର ଶୌଚାଗାର ଓ ତୀର୍ଥଯାତ୍ରୀଙ୍କ ରହିବା ସକାଶେ ହଜାର ହଜାର ଅସ୍ଥାୟୀ ହୁଗୁଳା ଘର ନିର୍ମାଣ କରାଯାଇଛି। ଗଙ୍ଗସାଗରରେ କୌଣସି ତୀର୍ଥଯାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିଲେ ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ୧୫ ଓ ୧୬ତାରିଖରେ ପୁଣ୍ୟସ୍ନାନ ଥିବାରୁ ସାଗର ଓ ସଙ୍ଗମସ୍ଥଳରେ ଏବେଠୁ ଲକ୍ଷାଧିକ ପୁଣ୍ୟାର୍ଥୀଙ୍କ ସମାଗମ ହୋଇଛି। ୮ତାରିଖରୁ ରସଲପୁର-ମୟାଗାଲିନୀ ଲଞ୍ଚ ଯାତ୍ରୀ ଫେରିଘାଟ ସରକାରୀ ଭାବେ ବନ୍ଦ ଯୋଗୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଦୁଇ ମେଦିନୀପୁର ଜିଲାର ଲକ୍ଷାଧିକ ତୀର୍ଥଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ**

## ଦିଲ୍ଲୀକୁ ବଳିଗଲା...

କୋଠାବାଡ଼ି ନିର୍ମାଣ ଯୋଗୁ ହେଉଥିବା ପ୍ରଦୂଷଣ ଇତ୍ୟାଦିକୁ ରୋକିବା ଲାଗି ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା ହୋଇଛି। ରାଉରକେଲା, ତାଳଚେର, କଳିଙ୍ଗନଗର, ଅନୁଗୋଳ ଶିଳ୍ପାଞ୍ଚଳ ସହରରେ ଶିଳ୍ପଭିତ୍ତିକ ପ୍ରଦୂଷଣ ରୋକିବାକୁ ଏକ ବଡ଼ ଆହ୍ୱାନ ହୋଇଛି। ସେହି ସବୁ ସହରରେ ପି.ଏମ୍. (ପାର୍ଟିକୁଲେଟ ମ୍ୟାଟର)-୧୦ ରହୁଛି। ଏହାକୁ ୧୪ରୁ ୧୫ ପ୍ରତିଶତ ହ୍ରାସ କରିବାକୁ ପଡ଼ିବ। ସେହିପରି ଭୁବନେଶ୍ୱର, କଟକ ଓ ବାଲେଶ୍ୱରରେ ବାୟୁ ପ୍ରଦୂଷଣ ପି.ଏମ୍.-୧୦କୁ ୨୭ରୁ ୩୬ ପ୍ରତିଶତକୁ ହ୍ରାସ କରିବା ନେଇ ଆକ୍ସନ ପ୍ଲାନରେ ପରାମର୍ଶ ଦିଆଯାଇଛି। ତେବେ ବିଭାଗଗୁଡ଼ିକର ସମନ୍ୱୟ ଅଭାବରୁ ଆକ୍ସନ ପ୍ଲାନ କାମ ଦେଉନି। ପ୍ରଦୂଷଣରେ ସହରବାସୀ ଘାଣ୍ଟି ହେଉଛନ୍ତି।

ପରିବେଶ ନିର୍ଦ୍ଦେଶକ ତଥା ଏସ୍‌ପିସିବି ମେମ୍ବର ସେକ୍ରେଟାରୀ କେ. ମୁରୁଗେସେନ କହିଛନ୍ତି, ବାରମ୍ବାର ରାସ୍ତାଘାଟ ନିର୍ମାଣ ହେବା ଯୋଗୁ କେତେକ ସ୍ଥାନରେ କିଛି ସମୟ ପାଇଁ ପ୍ରଦୂଷଣ ମାତ୍ରା ବଢ଼ି ଯାଉଛି। ଓଡ଼ିଶାରେ ପ୍ରଦୂଷଣ ହାର ସେତେଟା ଚିନ୍ତାଜନକ ନୁହେଁ। କେତେକ ସହରରେ ପ୍ରଦୂଷଣ ହାର ସାମାନ୍ୟ ଅଧିକ ରହୁଛି। ରାସ୍ତାଘାଟ ନିର୍ମାଣ ବେଳେ ଠିକାଦାରମାନେ ଗାଇଡ୍‌ଲାଇନ ପାଳନ କରୁ ନାହାନ୍ତି। ପ୍ରଦୂଷଣକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ, ମହାନଗର ନିଗମ, ପୌରସଂସ୍ଥାଗୁଡ଼ିକୁ ଚିଠି ଲେଖାଯାଇଛି। ସେଥିପାଇଁ କ୍ଲିନ ଏୟାର ଆକ୍ସନ ପ୍ଲାନ ଏବଂ ମାଇକ୍ରୋ ପ୍ଲାନ କରାଯାଇଛି। ସହରଗୁଡ଼ିକର ପରିବେଶ କିପରି ସ୍ୱଚ୍ଛ ରହିବ ସେ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ପରିସ୍ଥିତିର ସମୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି।

## ପୂର୍ବତନ ସରପଞ୍ଚ...

ପେନସନ ବନ୍ଦ ପାଇଁ ରାଜ୍ୟ ସକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍କାଳୀନ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ରାଧାକୃଷ୍ଣ କାନୁନ୍‌ଗୋ ଏହି ମାମଲାରେ ତଦନ୍ତକାରୀ ଅଫିସର ଥିଲେ। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

